# ସଂକ୍ଷେପରେ

## ରଘୁନାଥପୁର : ୧୦ କେନ୍ଦ୍ରରେ ୧୯ ଶହ ଛାତ୍ରୀଛାତ୍ର

**ରଘୁନାଥପୁର, ୧୯। ୨ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷା ଲାଗି ହୋଇଥିବା ୧୦ଟି କେନ୍ଦ୍ରରେ ୧୯ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏ ସମ୍ପର୍କରେ ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତଙ୍କଠାରୁ ସୂଚନା ମିଳିଛି। ପ୍ରତି ସେଣ୍ଟରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଛି। ଏଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସେଣ୍ଟରରେ ଜଣେ ଜଣେ ଅବଜରଭର ଅବସ୍ଥାପିତ ହୋଇଥିଲେ। ଅବଜରଭରଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯିବା, ପରୀକ୍ଷା ପରେ ଉତ୍ତର ଖାତାକୁ ସିଲ୍ କରାଯାଇଥିଲା। ବୋର୍ଡ ଲେବୁଲ, ଜିଲା ଓ ବ୍ଲକସ୍ତରରୁ ଫ୍ଲାଇଂ ସ୍କ୍ୱାଡ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାଛଡା ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଫ୍ଲାଇଙ୍ଗ ସ୍କ୍ୱାଡ୍ ଟିମ୍ ବିଭିନ୍ନ କେନ୍ଦ୍ରକୁ ଯାଇ ତୀକ୍ଷ୍ଣ ନଜର ରଖିଥିଲେ।

## ନାଉଗାଁ ବ୍ଲକରେ ୧୧୬୨ ମାଟ୍ରିକ ପରୀକ୍ଷାର୍ଥୀ

**ନାଉଗାଁ,୧୯।୨(ସ୍ୱ.ପ୍ର.):** ଚଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ନାଉଗାଁ ବ୍ଲକର ଏଥର ୬ଟି କେନ୍ଦ୍ରରେ ପରୀକ୍ଷା କରାଯାଉଛି। ପ୍ରଥମ ଦିନରେ ମୋଟ ୧୧୬୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୨ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟର ୧୭୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪ ଅନୁପସ୍ଥିତ। ତିରୁଣା ଗୋପବନ୍ଧୁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ୨୧୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨ ଅନୁପସ୍ଥିତ ରହିଛନ୍ତି। ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ୨୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬ ଅନୁପସ୍ଥିତ। ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୬ ପରୀକ୍ଷା ଦେଇଥିବାବେଳେ ୨ ଅନୁପସ୍ଥିତ। କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୫୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪ ଅନୁପସ୍ଥିତ। ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ୧୮୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୪ ଅନୁପସ୍ଥିତ ରହିଥିଲେ। ପରୀକ୍ଷା କେନ୍ଦ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଗୋପବନ୍ଧୁ ସ୍ମାରକୀ ନୋଡାଲ ସରକାରୀ ବିଦ୍ୟାଳୟ, ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଜରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସିସି କ୍ୟାମେରା ଲଗାଯାଇଛି। ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏଠାରେ ପ୍ରଶ୍ନପତ୍ର ରଖାଯାଇ ନାଉଗାଁ ବ୍ଲକ ସମେତ ବାଲିକୁଦା ବ୍ଲକ ୨ ଓ ଜଗତ୍‌ସିଂହପୁର ବ୍ଲକର ଗୋଟିଏ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଉଛି। ନୋଡାଲ ସେଣ୍ଟରରେ ନୋଡାଲ ଇନଚାର୍ଜ ଭାବେ ଭାବଗ୍ରାହୀ ଭୋଳ ଦାୟିତ୍ୱରେ ରହିଛନ୍ତି। ପରୀକ୍ଷା ଶୃଙ୍ଖଳାର ସହ ଶେଷ କରିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ଅବଜରଭରଭାବେ ତିରୁଣାରେ ତହସିଲଦାର ଜେ.କଳ୍ପନା, ଗଜରାଜପୁରରେ ବିଡିଓ ରଶ୍ମିରେଖା ମଲ୍ଲିକ, କଣ୍ଟୁଣିଆରେ ବ୍ଲକ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି, ନାଉଗାଁହାଟ ନୋଡାଲ ସେଣ୍ଟରରେ ଅତିରିକ୍ତ ତହସିଲଦାର କ୍ଷେତ୍ରମୋହନ ବେହେରା ଉପସ୍ଥିତ ରହିଥିଲେ।

# ବ୍ଲକ ପ୍ରଶାସନ ତାଲିକାରେ ତ୍ରୁଟି

**ଆବାସ ଯୋଜନା କେଳେଙ୍କାରୀ**

■ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

**ନାଉଗାଁ, ୧୯।୨ (ସ୍ୱ.ପ୍ର.)**

କଚ୍ଚା ଘର ଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନାର ସୁଫଳ କେତେକ ସ୍ଥାନରେ ପ୍ରକୃତ ହିତାଧିକାରୀ ପାଇପାରୁନାହାନ୍ତି। ଅନେକ ସ୍ଥାନରେ ବହୁ ଅଯୋଗ୍ୟଙ୍କୁ ଏହି ଯୋଜାନାରେ ସାମିଲ କରାଯାଇଥିବା ବାରମ୍ବାର ଅଭିଯୋଗ ପରେ ବି ଯୋଗ୍ୟ ପରିବାରକୁ ହାତାଧିକାରୀ ତାଲିକାରେ ସାମିଲ କରାଯାଉନହିଁ। ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ଅନିୟମିତତା ହୋଇଥିବା ଦେଖାଯାଇଛି। ତେବେ ଆବାସ ଯୋଜନାରେ ଗୃହ ପାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ହିତାଧିକାରୀଙ୍କ ତାଲିକା ଜାରି କରାଯାଇଥିବା ବେଳେ ଏଥିରେ ବହୁ ଅଯୋଗ୍ୟଙ୍କୁ ସାମିଲ କରାଯିବା ଓ ଯାଗ୍ୟଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି।

ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବ୍ଲକ ଅଧୀନ ୧୬ଟି ପଞ୍ଚାୟତରୁ ଅଲଣା ପଞ୍ଚାୟତର ୧୭୪ ହିତାଧିକାରୀ, ଜାମୁଗାଁର ୪୫, ଗଜରାଜପୁରର ୬୭, ଘୋଡାଂଶର ୫୧, ନାଉଗାଁର ୪୩, ରୋହିଆର ୧୩୭, ଓଷକଣାର ୮୩, ଡେରିକିର ୨୭, କୋରୁଅର ୯୧, ନୂଆଗାଁର ୩୭, ବଛାଳୋର ୫, ବାଂଶର ୧୬, ଡାବରର ୧୫, ଗଳଦାରୀର ୧୯, ଶିଖରର ୮୦ ଓ ତିରୁଣା ପଞ୍ଚାୟତର ୪୫ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଛି ବୋଲି ବିଭିନ୍ନ ପଞ୍ଚାୟତର ଲୋକମାନେ ଅଭିଯୋଗ କରିଛନ୍ତି। ନାଉଗାଁ ପଞ୍ଚାୟତ ଅଧୀନ ଅବଦଲପୁର ଗ୍ରାମରେ ବହୁ ଅଯୋଗ୍ୟଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଏହାର ତଦନ୍ତ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନ ଦେବେ ବୋଲି ଗ୍ରାମର ଦେବଜ୍ୟୋତି ମହାନ୍ତି ଲିଖିତ ଭାବେ ଜଣାଇଛନ୍ତି। ସେହିପରି ଜାମୁଗାଁ ପଞ୍ଚାୟତର ବାବୁଲି ଦାସ ଓ ବଟ ରାୟ କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶିତ ତାଲିକାରେ ଅନେକ ତ୍ରୁଟି ରହିଛି। ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

ଅଭିଯୋଗ ମୁତାବକ, ୧୯୯୭ ମସିହା ବିପିଏଲ ତାଲିକା ଅନୁସାରେ ଗ୍ରାମର ହାରାମଣୀ ସାହୁ ଘର ପାଇଥିବା ବେଳେ ଏବେ ତାଙ୍କ ପୁତ୍ର ସୁରେନ୍ଦ୍ର ସାହୁ ଘର ନିର୍ମାଣ କାର୍ଯ୍ୟାଦେଶ ପାଇବା ସହ ଫାଇନାଲ ବିଲ୍ ନେଇଛନ୍ତି। ଏଥିସହ ସୁରେନ୍ଦ୍ରଙ୍କ ପୁତ୍ର ସଦାଶିବ ଅବିବାହିତ ଥିବା ବେଳେ ତାଙ୍କ ନାମ ଆବାସ ଯୋଜନା ହିତାଧିକାରୀ ତାଲିକାଭୁକ୍ତ କରାଯାଇଛି। ଗ୍ରାମର ଗୋପାଳ ଦାସ ୨୦୦୨ରେ ବିପିଏଲରେ ଘର ପାଇଥିବା ବେଳେ ତାଙ୍କର ଏକମାତ୍ର ପୁଅ ନନ୍ଦ ଦାସ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଝରି ଦାସ ଇନ୍ଦିରାବାସ ପାଇଥିବା ବେଳେ ତାଙ୍କର ପୁତ୍ର ଅମୂଲ୍ୟ ଦାସଙ୍କ ନାମ ଏହି ତାଲିକାରେ ରହିଛଇ। ସେହିପରି ଅଲଣା ପଞ୍ଚାୟତର ୱାର୍ଡସଭ୍ୟ ପଙ୍କଜ କୁମାର ଦାସ ସମାନ ଅଭିଯୋଗ ଆଣିଛନ୍ତି। ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ୍ୟ ସମାନ ତ୍ରୁଟି ହୋଇଥିବା ଅଭିଯୋଗ ହେଉଛି। ଏ ବିଷୟରେ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ, ପ୍ରକାଶିତ ତାଲିକାରେ ଯାହା ତ୍ରୁଟି ରହିଛି ତାହାର ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ ଦିଆଯିବ। ଏହାବ୍ୟତୀତ ଆବାସ ଯୋଜନା ସଂକ୍ରାନ୍ତୀୟ ଯାହା ଅଭିଯୋଗ ଓ ଆବେଦନ କରିବା କଥା ସେଥିପାଇଁ ସ୍ୱତନ୍ତ୍ର ଭାବେ ବାକ୍ସ ରହିଛି। ସେଥିରୁ ମଧ୍ୟ ବହୁ ଅଭିଯୋଗ ହସ୍ତଗତ ହୋଇଛି। ସେଗୁଡିକର ଯାଞ୍ଚ କରାଯାଇ ତଦନ୍ତ କରାଯିବ। ସମସ୍ତ ଯୋଗ୍ୟ ହିତାଧିକାରୀ କିପରି ଆବାସ ଯୋଜନାରେ ସାମିଲ ହୋଇପାରିବେ, ସେଥିପାଇଁ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ମଲିକ କହିଛନ୍ତି।

## ଅଜଣା ରୋଗରେ ମଲେଣି ୨୬ ଗୋରୁ

**ସିହା ଗ୍ରାମରେ ଗୋମଡ଼କ**

**ଏରସମା, ୧୯।୨ (ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସିହା ଗ୍ରାମରେ ଅଜଣା ରୋଗରେ ସପ୍ତାହକ ମଧ୍ୟରେ ୨୬ ଗୋରୁଙ୍କ ମୃତ୍ୟୁ ହେଲାଣି। ପ୍ରତିଷେଧକ ଟିକା ଯଥେଷ୍ଟ ପରିମାଣରେ ଦିଆଯାଉ ନ ଥିବାରୁ ଗୋରୁ ମୃତ୍ୟୁସଂଖ୍ୟା ବଢୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୋ-ଚାଷୀମାନେ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ଗୋରୁଙ୍କୁ ଏକ ଅଜଣା ରୋଗ ଧରୁଛି, ଯେଉଁଥିରେ ଗୋରୁଙ୍କ ଗୋଡ ଫୁଲିଯାଉଛି। ପାଟିରୁ ନାଳ ବାହାରୁଛି। ଖାଇବା ବନ୍ଦ ହୋଇଯାଉଛି। ଏହାର ୨୪ ଘଣ୍ଟା ଭିତରେ ହିଁ ଗୋରୁଙ୍କର ମୃତ୍ୟୁ ଘଟୁଛି। ଗତ ସପ୍ତାହକ ମଧ୍ୟରେ ଗ୍ରାମର ଶିବ ପ୍ରସାଦ ରାଉତଙ୍କର ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ, ଅଜିତ କୁମାର ସାମନ୍ତରାୟଙ୍କର ଗୋଟିଏ ବାଛୁରୀ, ବୈରାଗୀ ମହାନ୍ତିଙ୍କର ଗୋଟିଏ ବଳଦ, ଶିଶିର କୁମାର ଦାସଙ୍କର ୨ଟି ବାଛୁରୀ, ସୁର ରାଉତଙ୍କର ଗୋଟିଏ ବଳଦ ସମେତ ମୋଟ ୨୬ ଗୋରୁଙ୍କର ମୃତ୍ୟୁ ଘଟିଲାଣି। ତେବେ ଏ ନେଇ ପୂର୍ବରୁ ଅଭିଯୋଗ ହେବା ପରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ପ୍ରତିଷେଧକ ଟିକାକରଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଗ୍ରାମର କେତେକ ଗୋରୁଙ୍କୁ ଏହି ଟିକା ଦିଆଯାଇଛି ବୋଲି ବଂଶୀଧର ସ୍ୱାଇଁ, ବାବୁଲା ରାଉତ, ଗୁକୁନା ରାଉତ, ନିକୁଞ୍ଜ କିଶୋର ସ୍ୱାଇଁ, ରଞ୍ଜନ କୁମାର ଖଣ୍ଡୁଆଳ, ଶିବ ପ୍ରସାଦ ଲେଙ୍କା ପ୍ରମୁଖ ଗୋପାଳକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଭିଏଏସ୍ ସୁନିତା ବେହେରାଙ୍କୁ ପଚାରିବାରେ, ସରକାରଙ୍କ ନିୟମ ଅନୁସାରେ ଫାଟୁଆ ପ୍ରତିଷେଧକ ଦିଆଯାଇଛି। ଏହି ଟିକା ଦିଆଯିବାର ୨୧ ଦିନ ମଧ୍ୟରେ ଆଉ କୌଣସି ଟିକା ଦେବା ଠିକ୍ ନୁହେଁ। ଗତ ୫-୬ ଦିନ ତଳେ ସିହା ଗ୍ରାମରେ ଏହି ଟିକା ଦିଆଯିବା ସମୟରେ ଗ୍ରାମବାସୀ ଏହି ରୋଗ ସମ୍ପର୍କରେ ଜଣାଇଥିଲେ ଉକ୍ତ ଟିକା ଦିଆଯାଇ ନଥାନ୍ତା। ଏହାଛଡ଼ା ମଲା ଗୋରୁଙ୍କୁ ଦଣ୍ଡାରେ ପକାଇବା ଦ୍ୱାରା ମଧ୍ୟ ରୋଗ ବ୍ୟାପୁଛି। ଆଉ କିଛି ଦିନ ପରେ ଏହାର ପ୍ରତିଷେଧକ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଶାରଳା ମନ୍ଦିରରେ ୨ ଘଣ୍ଟା ଦର୍ଶନ ବନ୍ଦ

**ପଣ୍ଡା-ସେବାୟତଙ୍କ ମହାସୁଲ ପ୍ରାପ୍ୟକୁ ନେଇ ବିବାଦ**

**ତିର୍ତ୍ତୋଲ, ୧୯।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ଥାନା ଅଧୀନ କନକପୁରସ୍ଥିତ ଶାରଳା ମନ୍ଦିରରେ ବୁଧବାର ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି। ପଣ୍ଡା-ସେବାୟତଙ୍କ ମହାସୁଲ ପ୍ରାପ୍ୟକୁ ନେଇ ମନ୍ଦିରର ପୂର୍ବତନ କାର୍ଯ୍ୟନିର୍ବାହୀଙ୍କୁ ୨ଘଣ୍ଟା ଅଟକ ରହିବାକୁ ପଡ଼ିଛି। ଏହି ଘଟଣାକୁ ନେଇ ପଣ୍ଡା ସେବାୟତମାନେ ମନ୍ଦିରର ମୁଖ୍ୟଦ୍ୱାର ବନ୍ଦ କରିଦେବା ଯୋଗୁ ୨ ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା।

ମିଳିଥିବା ସୂଚନା ଅନୁସାରେ, ମନ୍ଦିରର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିବା ବେଳେ ତାଙ୍କ ସ୍ଥାନରେ ସୌମ୍ୟରଞ୍ଜନ ପରିଜାଙ୍କୁ ନିଯୁକ୍ତି ମିଳିଛି। ତେବେ ନୂତନ କାର୍ଯ୍ୟ ନିର୍ବାହୀଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ପୂର୍ବତନ କାର୍ଯ୍ୟନିର୍ବାହୀ ବୁଧବାର ମନ୍ଦିରକୁ ଆସିଥିଲେ। ଏହି ସମୟରେ ମନ୍ଦିର ଆୟର ୨୫ ଭାଗ ପଣ୍ଡା-ସେବାୟତମାନଙ୍କ ମହାସୁଲ ବାବଦରେ ପ୍ରଶ୍ନ କରିବା ସହ କାର୍ଯ୍ୟନିର୍ବାହୀଙ୍କୁ ଅଟକ ରଖିଥିଲେ। ଏଥିସହ ମନ୍ଦିର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଆଲୋଚନା ପରେ ମନ୍ଦିର ଆୟର ୨୫ ପ୍ରତିଶତ ସେବାୟତଙ୍କୁ ଦେବାକୁ କାର୍ଯ୍ୟନିର୍ବାହୀ ସମ୍ମତି ପ୍ରଦାନ କରିବା ପରେ ମନ୍ଦିରରୁ ତାଲା ଖୋଲାଯାଇଥିଲା।




ଜଗତ୍‌ସିଂହପୁର ଶ୍ରୀକୃଷ୍ଣ ଏକାଡେମୀ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀ ଧାଡ଼ିରେ ଯାଉଛନ୍ତି।



ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ପରୀକ୍ଷାର୍ଥୀ।

## ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ ପାଇଁ ଚୟନ ଶିବିର



ତାଲିମ ପ୍ରଦାନ ପାଇଁ ନାମ ପଞ୍ଜୀକରଣ କରାଯାଉଛି।

**ବିରିଡ଼ି,୧୯।୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅନ୍ତର୍ଗତ ଅଢ଼ଙ୍ଗମଜ୍ଜୁରାଇ ପଞ୍ଚାୟତଠାରେ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିଭିତ୍ତିକ ମାଗଣା ତାଲିମ ପ୍ରଦାନ ପାଇଁ ଏକ ଚୟନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା (ଡିଡିୟୁଜିକେୱାଇ) ବିରିଡ଼ି ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ ମେଳାରେ ବିଭିନ୍ନ ନିଯୁକ୍ତି ସଂସ୍ଥା ଯୋଗଦେଇ ବେକାର ଯୁବତୀଯୁବକଙ୍କୁ ଚୟନ କରିଥିଲେ। ଏଥିରେ ଅଢଙ୍ଗଗଡ ଓ ଅଢଙ୍ଗମଜ୍ଜୁରାଇ ପଞ୍ଚାୟତରୁ ୮୦ ଜଣ ନାମ ପଞ୍ଜୀକୃତ କରାଇଥିଲେ। ସେଥିମଧ୍ୟରୁ ୫୭ ଜଣ ଯୁବତୀଯୁବକ ତାଲିମ ଓ ନିଯୁକ୍ତି ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ବ୍ଲକ ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ଅଢଙ୍ଗ ମଜ୍ଜୁରାଇ ସରପଞ୍ଚ ଦୀପ୍ତିମୟୀ ରାୟ, ଅଢଙ୍ଗଗଡର ସରପଞ୍ଚ ଅଶୋକ ଜେନା, ଡିଡିୟୁଜିକେୱାଇ ଜିଲା ସଂଯୋଜକ ପବିତ୍ର ସ୍ୱାଇଁ, ବ୍ଲକ ଏସଡିଏସ ପ୍ରମୋଦ ସିଂ, ଏମବିକେ ଗାୟତ୍ରୀ ମହାନ୍ତି ଓ ସ୍ନିଗ୍ଧାରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଏଏଲ୍ଏଫ୍‌କୁ ନେଇ ଗଢ଼ା ହେଲା ସିଏଲ୍ଏଫ୍

**ପାରାଦୀପ, ୧୯।୨ (ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳରେ ଥିବା ୩୪୨ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ନେଇ ପ୍ରଥମକରି ସିଏଲ୍ଏଫ୍ (ସିଟି ଲେବୁଲ ଫେଡେରେଶନ) ଗଠନ କରାଯାଇଛି। ସିଏଲ୍ଏଫ୍ ଜରିଆରେ କିପରି ଏସ୍ଏଚ୍‌ଜି ମହିଳାଙ୍କ ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏସ୍ଏଚ୍‌ଜିର ପ୍ରମୁଖ ସଭାପତି, ସମ୍ପାଦିକାଙ୍କୁ ଡକାଯାଇ କିପରି ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ ସେ ସମ୍ପର୍କରେ ଜାତୀୟ ସହରାଞ୍ଚଳ ଜୀବିକା ମିଶନର ଗୋଷ୍ଠୀ ସହାୟିକାମାନେ କହିଥିଲେ। ପୂର୍ବରୁ ଏହି ଏସ୍ଏଚ୍‌ଜି ସଦସ୍ୟାଙ୍କୁ ନେଇ ୧୨ଟି ଏଏଲ୍ଏଫ୍ (ଏରିଆ ଲେବୁଲ ଫେଡେରେଶନ) ଗଠନ କରଯାଇଛି। ଏହି ଆଞ୍ଚଳିକ ସଂଘ ଜରିଆରେ କାମ କରୁଥିବା ଗୋଷ୍ଠୀ ସହାୟିକା ଓ ଏସ୍ଏଚ୍‌ଜିଙ୍କୁ ନେଇ ଏବେ ଗୋଟିଏ ସିଏଲ୍ଏଫ୍ ଗଠନ କରାଗଲା ବୋଲି କୁହାଯାଇଛି। ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରଭାତି ନାୟକ, ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, କାଉନ୍‌ସିଲର ଚପଳା ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାର ମହିଳାଙ୍କ ପାଇଁ କରିଥିବା ଯୋଜନାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ।

## ବାର୍ଷିକ ଉତ୍ସବ ପାଳନ ପାଇଁ ଅନୁମତି ପ୍ରଦାନ ଦାବି

**ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ**

**ନାଉଗାଁ,୧୯।୨(ସ୍ୱ.ପ୍ର.):**

ନାଉଗାଁ ବ୍ଲକ ଅଧୀନ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳନ ନେଇ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଗୋଟିଏ ଗୋଷ୍ଠୀ ଉତ୍ସବ ବନ୍ଦ କରିବା ପାଇଁ ଧାରଣାରେ ବସିଥିବାବେଳେ ଅନ୍ୟ ଗୋଷ୍ଠୀ ଉତ୍ସବ ନ ହେଲେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ଏହି ଘଟଣାକୁ ନେଇ ମହାବିଦ୍ୟାଳୟ ପରିସର ଅଶାନ୍ତ ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ମହାବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ଗୋଟିଏ ଗୋଷ୍ଠୀ ବୁଧବାର ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡିର ସଭାପତିଙ୍କୁ ଘଟଣା ସମ୍ପର୍କରେ ଲିଖିତଭାବେ ଅବଗତ କରାଇବା ସହ ବାର୍ଷିକ ଉତ୍ସବ ପାଳନ ପାଇଁ ଅନୁମତି ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହିତ ଜିଲାପାଳ, ଏସ୍‌ପି, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ନାଉଗାଁ ଥାନାଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ୩ ଦିନ ମଧ୍ୟରେ ଯଦି ଶୈକ୍ଷିକ ବାତାବରଣକୁ ଶୃଙ୍ଖଳିତ କରା ନ ଯାଏ ଓ ବାର୍ଷିକ ଉତ୍ସବ ପାଇଁ ଅନୁମତି ନ ମିଳେ ତେବେ ସେମାନେ ବାଧ୍ୟହୋଇ ମହାବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଯୋଗ୍ୟ, ୧୭ ତାରିଖ ଦିନ ବାର୍ଷିକ ଉତ୍ସବ ପାଳନ ବନ୍ଦ ଦାବିରେ ଅଧ୍ୟକ୍ଷଙ୍କ ଫାଟକ ସମ୍ମୁଖରେ ଏକ ଛାତ୍ର ଗୋଷ୍ଠୀ ଧାରଣାରେ ବସିଥିଲେ। ମଙ୍ଗଳବାର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଯୁକ୍ତ ୩ ଓ ଯୁକ୍ତ ୨ର କେତେଜଣ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚାଇନା ପ୍ରଧାନଙ୍କୁ ପଚାରିବାରେ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡିର ସଭାପତି ଉପଜିଲାପାଳ ରହିଛନ୍ତି। ଛାତ୍ରୀଛାତ୍ର ଉପଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଛନ୍ତି। ସେମାନେ ଯାହା ନିଷ୍ପତ୍ତି ନେବେ ତାହା କରାଯିବ ବୋଲି ପ୍ରକାଶ କରିଥିଲେ।

## ରାଜ୍ୟସ୍ତରୀୟ ନାଟକ ଉତ୍ସବ: ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ସାର୍ଜନା

**ପାରାଦୀପ, ୧୯।୨ (ସ୍ୱ.ପ୍ର.)**

ପାରାଦୀପର ଜୟଦେବ ଭବନଠାରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ସାର୍ଜନା' ବୁଧବାର ମଞ୍ଚସ୍ଥ ହୋଇଛି। ପୁରୀ ରଙ୍ଗଶାଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟକରେ ପୌରାଣିକ କଥା-ଗାଥା ଓ ବିଜ୍ଞାନର ସମ୍ମିଶ୍ରଣ ଦେଖିବାକୁ ମିଳିଥିଲା। ଗଣେଶ୍ୱର ମହାପାତ୍ରଙ୍କ ରଚିତ ଓ ବିକ୍ରମ ସାହୁ ନିର୍ଦ୍ଦେଶିତ ନାଟକରେ ଭିନ୍ନ ବାର୍ତ୍ତା ରହିଥିଲା। ଏ ସୃଷ୍ଟିର ସ୍ରଷ୍ଟା କିଏ, ସୃଷ୍ଟି ସର୍ଜନାରେ ଅନେକ ପୌରାଣିକ ପ୍ରସଙ୍ଗ ଏବଂ ପ୍ରାମାଣିକ ତଥ୍ୟ ନାଟକରେ ଦର୍ଶାଯାଇଥିଲା। ବିଷ୍ଣୁ ଯେତେବେଳେ ସୃଷ୍ଟି ରଚନା କଲେ, ସେ ବ୍ରହ୍ମା ଓ ମହେଶ୍ୱରଙ୍କୁ ଏହି କାର୍ଯ୍ୟରେ ଭାଗୀଦାରି କଲେ। ବିଜ୍ଞାନ କିନ୍ତୁ ଏବେ ଅଲଗା କଥା ଆମ ଆଗରେ ଉପସ୍ଥାପନ କରୁଛି। ସର୍ଜନାର ସୂକ୍ଷ୍ମ ଓ ପ୍ରବାହମାନ ବିଚାରଧାରାକୁ କଳାକାର ନାଟକ ମାଧ୍ୟମରେ ଦର୍ଶାଇଥିଲେ। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପାରାଦୀପ ବନ୍ଦର ଓ କ୍ୟାନମାସର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି। ମଙ୍ଗଳବାର ଉତ୍ସବକୁ ଓଡ଼ିଶା ନାଟକ ଏକାଡେମୀର ସଭାପତି ରାମକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ବନ୍ଦର ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ,ବନ୍ଦର ଉପ ସଂରକ୍ଷକ କ୍ୟାପଟେନ୍ ଅତୁଲ୍ୟ ମହାପାତ୍ର, ଏକାଡେମୀର ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ବିଶିଷ୍ଟ ନାଟ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ କନ୍ୟାଦାନ ନାଟକ ମଞ୍ଚସ୍ଥ ହୋଇଥିଲା।

## ୧୦୫ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ




ବ୍ଲକସ୍ତରୀୟ ସମନ୍ୱୟ ମେଳାରେ ମଞ୍ଚାସୀନ ଅତିଥି।

**ବ୍ଲକସ୍ତରୀୟ ସମନ୍ୱୟ ମେଳା**

**କୁଜଙ୍ଗ,୧୯।୨(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ମିଶନ ଶକ୍ତି ପକ୍ଷରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବିଭିନ୍ନ ବିଭାଗ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ମଣ୍ଡଳ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ମେଳାରେ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତନୁପ୍ରଭା ବେଉରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣମଞ୍ଜରୀ ନାୟକ ଯୋଗଦେଇ ଗ୍ରାମାଞ୍ଚଳର ମହିଳା କିପରି ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତହେବେ ସେ ସମ୍ପର୍କରେ ମାର୍ଗଦର୍ଶନ କରିବା ସହ ବ୍ୟାଙ୍କ ସମୂହ ଯୋଗାଇ ଦେଉଥିବା ଋଣର ଠିକ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମେଳାରେ ବ୍ଲକ ଅଞ୍ଚଳର ୯ଟି ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ କୃଷି, ମତ୍ସ୍ୟ ଏବଂ ପଶୁସମ୍ପଦ ଭଳି ୧୦ଟି ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ୯ଟି ବ୍ୟାଙ୍କ ପକ୍ଷରୁ ୧୦୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧କୋଟି ୫୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ସନ୍ତୋଷ ଶତପଥୀ, ବିପିସି ଜ୍ୟୋସ୍ନାମୟୀ ମନ୍ତ୍ରୀ, ମିଶନ ଶକ୍ତିର ଡିପିସି ଅବିତ ନାରାୟଣ, ମନୋରମା ମହାପାତ୍ର ଓ ଜୟନ୍ତୀ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ମିଶନ ଶକ୍ତି ସଂଯୋଜିକା କଳ୍ପନା ବାରିକ, ଛବିଲତା ଭୋଇ ଓ ବିପିଏମ ପଙ୍କଜିନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପଞ୍ଚାୟତର ବିକାଶରେ ଦ୍ୱୈତ ଶାସନ ବାଧକ

■ବିଦ୍ୟାଳୟରେ ଶିକ୍ଷକ, ଭିତ୍ତିଭୂମିର ଅଭାବ

■ପାନୀୟ ଜଳ ପ୍ରକଳ୍ପ ଅଚଳ

**ନିଶ୍ଚିନ୍ତକୋଇଲି,୧୯।୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାବୁଜଙ୍ଗ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏହାର ବିକାଶରେ ଦ୍ୱୈତ ଜିଲାର ଶାସନ ବାଧକ ସାଜିଛି ବୋଲି ବୁଧବାର ଏକ ପ୍ରଶାସନିକ ବୈଠକରେ ଅଭିଯୋଗ ହୋଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ଯୋଗଦେଇ କହିଥିଲେ, କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ବାବୁଜଙ୍ଗ ପଞ୍ଚାୟତ ରହିଛି। ମାତ୍ର ଏହାର ସ୍ୱାସ୍ଥ୍ୟ, ଶିକ୍ଷା, ଆଇସିଡିଏସ ଓ ସମାଜମଙ୍ଗଳ ବିଭାଗ ଆଦି ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ବ୍ଲକ ଅଧୀନରେ ରହିଛି। ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତ ପ୍ରତି ଅଧିକ ଦୃଷ୍ଟି ଦିଆଯାଉନାହିଁ। ଏସବୁ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ନାହିଁ। ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ରହିଛି। ପଞ୍ଚାୟତର ୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କେବଳ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଗୃହ ରହିଛି। ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ଅନେକ ସ୍ଥାନରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏନେଇ ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ସମାଧାନ ହେଉନାହିଁ। ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ଏଯାବତ୍ ୨ ଗ୍ରାମକୁ ପାନୀୟ ଜଳ ସୁବିଧା ନାହିଁ। ଚାଷ ଏଠିକାର ମୁଖ୍ୟ ଜୀବିକା ହୋଇଥିବା ବେଳେ ମାଙ୍କଡ଼ ଉପଦ୍ରବ ପାଇଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ପଞ୍ଚାୟତବାସୀ ଅଭିଯୋଗ କଲେ ଉଭୟ ଜିଲା ପ୍ରଶାସନ ପରସ୍ପର ଉପରେ ଦୋଷ ଲଦୁଛନ୍ତି।

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହି ପଞ୍ଚାୟତକୁ ଆଦର୍ଶ ଗ୍ରାମଭାବେ ଘୋଷଣା କରିବା ପରେ ଏହାର ଉନ୍ନତି ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବୁଧବାର ଏକ ବୈଠକ ଆୟୋଜନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସମିତି ଅଧ୍ୟକ୍ଷା ସବିତା ଓଝା ପୌରୋହିତ୍ୟ କରିଥିଲେ। ଅତିଥିଭାବେ ସାଂସଦ ଆଦର୍ଶ ଗ୍ରାମ ଯୋଜନାର ରାଜ୍ୟ ସଂଯୋଜକ ଚିନ୍ମୟ ସାହୁ ଯୋଗଦେଇ କହିଥିଲେ, ପଞ୍ଚାୟତର ବିକାଶ ପାଇଁ ସ୍ୱତନ୍ତ୍ର ଗ୍ରାମ ସଭାକରି ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି। ପଞ୍ଚାୟତ ଓ ବ୍ଲକରେ ଏହି ମାଷ୍ଟରପ୍ଲାନ ଅନୁମୋଦନ ହେବା ପରେ ଜିଲାପାଳଙ୍କ ଦ୍ୱାରା ଏହାକୁ ସ୍ୱୀକୃତି ଦିଆଯିବ। ଅନ୍ୟତମ ଅତିଥିଭାବେ କଟକ ଏପିଡି ଧରିତ୍ରୀ ବେହେରା ଯୋଗଦେଇ ଦ୍ୱୈତ ଶାସନରୁ ମୁକ୍ତ ହେବା ପାଇଁ ପଞ୍ଚାୟତବାସୀଙ୍କୁ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଧାର ଆଦର୍ଶ ସାଂସଦ ଗ୍ରାମ ଉପରେ ଟିପ୍ପଣୀ ଦେଇଥିବାବେଳେ ଜିପିଓ ଜନ୍ମେଜୟ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ବିଡିଓ ସୁଶାନ୍ତ ରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ସବିତା ସେଠୀ, ସମିତି ସଭ୍ୟା ସସ୍ମିତା ମଲିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ ଓ ଯନ୍ତ୍ରୀ ଅନାମ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ବୈଠକରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମାଜ ମଙ୍ଗଳ ବିଭାଗ ଓ ଜଳସେଚନ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ କଟକ ଜିଲାପାଳଙ୍କୁ ଅବଗତ କରାଇବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

## ସଂକ୍ଷେପରେ

### ବାଲ୍ୟ ବିବାହ ନିଷେଧ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୧୯।୨:** ବାଲ୍ୟ ବିବାହ ନିଷେଧ କର୍ମଶାଳା ସ୍ଥାନୀୟ ଡିଆରଡିଏ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ମିତାଞ୍ଜଳୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏଥିରେ ବାଲ୍ୟ ବିବାହ ନିଷେଧ ଅଧିନିୟମ -୨୦୦୬ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶିଶିର କୁମାର ରାଉତରାୟ, ସାମାଜିକ କର୍ମୀ ଘାସିରାମ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକମାନେ ବାଲ୍ୟ ବିବାହ ଫଳରେ ଶାରୀରିକ, ମାନସିକ, ସାମାଜିକ ସ୍ଥିତି ବିପନ୍ନ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, ଆମ ରାଜ୍ୟରେ ଏବେ ବି ଶତକଡା ୨୧ ଭାଗ ବାଲ୍ୟ ବିବାହ ହେଉଛି । ୧୮ବର୍ଷରୁ କମ୍ ବୟସର ବାଳିକା ଓ ୨୧ରୁ କମ୍ ବୟସ ବାଳକର ବିବାହ ବନ୍ଦ କରାଯିବାକୁ ସେମାନେ ସଚେତନ କରିଥିଲେ । ଜିଲାର ରାଜନଗର ଓ ମହାକାଳପଡା ବ୍ଲକର ବଙ୍ଗୀୟ ଅଧୁଷିତ ଅଞ୍ଚଳରେ ଏହାର ହାର ବଢି ଚାଲିଥିବା ବେଳେ ସହରାଞ୍ଚଳରେ କମ୍ ଥିବା ତଥ୍ୟ ପ୍ରଦାନ କରିଥିଲେ । ୨୦୩୦ ସୁଦ୍ଧା ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ସେମାନେ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ସିଡିପିଓ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

### ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ଚନ୍ଦ୍ରମୌଳି ପୀଠ



**ରାଜନଗର,୧୯।୨(ଡି.ଏନ.ଏ.):** ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ଚନ୍ଦନନଗରସ୍ଥିତ ଶ୍ରୀ ଚନ୍ଦ୍ରମୌଳି ପୀଠ ମହା ଶିବରାତ୍ରୀ ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଛି । ଏହା ପ୍ରାୟ ୩ ଶହ ବର୍ଷ ତଳର ପ୍ରାଚୀନ ଶୈବପୀଠ । ଶୁକ୍ରବାର ମହାଶିବ ରାତ୍ରିରେ ଭୋର ସାଢେ ୩ ଟାଠାରୁ ଚନ୍ଦ୍ରମୌଳିଙ୍କ ନୀତିକାନ୍ତି ଆରମ୍ଭ ହେବ। ମୁଖ୍ୟପୂଜକ କୁଳମଣି ବଡପଣ୍ଡା, ପ୍ରଦୀପ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଶିବ ପ୍ରସାଦ ବଡପଣ୍ଡାଙ୍କ ସମେତ ଅନ୍ୟ ସେବକମାନଙ୍କ ଉପସ୍ଥିତିରେ ପୂଜା ଆରମ୍ଭ କରାଯିବ। ମହାସ୍ନାନ ପରେ ସକାଳ ଭୋଗ, ମଧ୍ୟାହ୍ନ ଭୋଗ, ଅବକାଶ, ଖେଚୁଡି ଭୋଗ, କାକରା ଭୋଗ ମହାଦେବଙ୍କୁ ସମର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଜାଗର ଯାତ୍ରା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଠାକୁରଙ୍କୁ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚନ୍ଦ୍ରମୌଳି ମହାଦେବଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ରାତ୍ର ଉଜାଗର ରହି ଦୀପଦାନ କରିଥାନ୍ତି।

# କେନ୍ଦ୍ରାପଡ଼ା ଜିଲାରେ ଧାନ ସଂଗ୍ରହ କମିଛି

କେନ୍ଦ୍ରାପଡା ଅଫିସ,୧୯।୨



କେନ୍ଦ୍ରାପଡ଼ା ବ୍ଲକର ଓସ୍ତପୁରଠାରେ ମଣ୍ଡିରେ ବିକ୍ରି ପାଇଁ ରଖାଯାଇଥିବା ଧାନ।

- ପ୍ରଶାସନ କହୁଛି ବର୍ଷା ସାଜିଲା ବାଧକ
- ଚାଷୀ କହୁଛନ୍ତି ଟୋକନ ଓ ରାସ୍ତା ସମସ୍ୟା

କେନ୍ଦ୍ରାପଡା ଜିଲାରେ ଧାନ ସଂଗ୍ରହର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି । ତେବେ ଚଳିତ ଖରିଫ ଋତୁରେ ଜିଲା ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ ବହୁତ କମିଛି । ଗତ ୨୦୧୯ରେ ଜିଲାର ଚାଷୀଙ୍କ ଠାରୁ ୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା । ତେବେ ଗତ ଡିସେମ୍ବର ମାସରୁ ଅଦ୍ୟାବଧି ଜିଲାରେ ମାତ୍ର ୪.୯୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ପ୍ରଶାସନ ଧାନ ସଂଗ୍ରହରେ ମାନ୍ଦା ଅବସ୍ଥା ନେଇ ବର୍ଷାକୁ ଦାୟୀ କରୁଥିଲା ବେଳେ ଚାଷୀ ଅନ୍‌ଲାଇନରେ ମିଳୁଥିବା ଟୋକନ ଓ ରାସ୍ତା ଦୂରତାକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ଉମେଶ ଚନ୍ଦ୍ର ସିଂହ କହିଛନ୍ତି ଯେ, ପ୍ରଶାସନର ଅସହଯୋଗ ଯୋଗୁ ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନାହିଁ । ଜିଲାର ୧୧୬ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଧାନ ମଣ୍ଡି ଖୋଲିଛି । ସମିତି ସଦସ୍ୟ ଓ ମିଲର ମିଶି ମଣ୍ଡିରେ ଧାନ ଉଠାଣରେ ବାଧା ସୃଷ୍ଟି କରୁଛନ୍ତି । ବିଭିନ୍ନ ମଣ୍ଡିରେ ମିଲର ଏକାକୀ ଓଜନ ଠାରୁ ନେବା ପର୍ଯ୍ୟନ୍ତ କାମ କରୁଥିବାରୁ ଚାଷୀଙ୍କ ଧାନ ଖରାପ ଥିବା ଦର୍ଶାଇ କୁଇଣ୍ଟାଲ ପ୍ରତି ୫ରୁ ୮ କିଲୋ ପର୍ଯ୍ୟନ୍ତ କାଟି ଦେଉଛନ୍ତି । ଏଥିସହିତ ବହୁ ସ୍ଥାନରେ ମଣ୍ଡିରେ ଚାଷୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିବା ନେଇ ଅଭିଯୋଗ ହେଉଛି।

ମହାକାଳପଡା ବ୍ଲକ ବଡିଘର ପଞ୍ଚାୟତର ସବୁଜ ମଣ୍ଡଳ କହିଛନ୍ତି ଯେ, ଏଠାରୁ ୧୫ କିଲୋମିଟର ଦୂରରେ ଥିବା ରାମନଗରରେ ଧାନ ମଣ୍ଡି ଖୋଲିଛି । ଏହି ରାସ୍ତାରେ ଥିବା ନଦୀ ପାର କରି ମଣ୍ଡିକୁ ଧାନ ବିକ୍ରି ପାଇଁ ଯିବାକୁ ପଡିବ । ଜଣେ ଚାଷୀ ପାଇଁ ଏହି ଦୂରତା ଅତିକ୍ରମ କରିବା କଷ୍ଟ । ବଡିଘର ପଞ୍ଚାୟତରେ ମଣ୍ଡି ଖୋଲା ଯାଇଥିଲେ ଏହି ସମସ୍ୟା ହୋଇ ନ ଥାନ୍ତା । ଏଥିପାଇଁ ୩ କୁଇଣ୍ଟାଲ ଧାନକୁ ସରକାରୀ ଧାର୍ଯ୍ୟ ଦର ୫୪୪୫ ଟଙ୍କା ମିଳିବାକୁ ଜାଣିଥିଲେ ମଧ୍ୟ ମାତ୍ର ୩ ହଜାର ଟଙ୍କାରେ ବ୍ୟବସାୟୀକୁ ବିକିଛନ୍ତି । ବଡିଘର ପଞ୍ଚାୟତରେ ସମସ୍ତ ଚାଷୀଙ୍କ ଠାରୁ ବ୍ୟବସାୟୀ କମ୍ ଦରରେ ଧାନ କିଣୁଥିବା ସେ ପ୍ରକାଶ କରିଛନ୍ତି । ଧାନ ବିକ୍ରିରେ ଟୋକନ ଏକ ସମସ୍ୟା ବୋଲି କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି । ସେ କହିଛନ୍ତି ଯେ, ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ଚାଷୀଙ୍କ ନାମ ପଞ୍ଜୀକରଣ ହେଉଛି। ବହୁ ଚାଷୀ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରି ନ ଥିବାରୁ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ଅଧିକାଂଶ ପଞ୍ଜୀକୃତ ଚାଷୀଙ୍କୁ ଅଦ୍ୟାବଧି ଟୋକନ୍ ମିଳିନାହିଁ । ଏନେଇ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି ଯେ, ଜିଲାରେ ୧୧୬ ପାକ୍‌ସକୁ ଧାନ କ୍ରୟ ପାଇଁ ଅନୁମତି ଦିଆଯାଇଛି । ଏଥିସହିତ ୧୪ ମିଲର ନିଯୁକ୍ତ ହୋଇଛନ୍ତି । ଟୋକନ୍ ସମସ୍ୟା ନୁହେଁ, ଚଳିତବର୍ଷ ସାମୁଦ୍ରିକ ଝଡ ଯୋଗୁ ଧାନ ଫସଲରେ ବାଧା ଆସିଛି । ଏଥିପାଇଁ ଧାର୍ଯ୍ୟ ଲକ୍ଷ୍ୟ ୬.୬୪ ଲକ୍ଷ କୁଇଣ୍ଟାଲକୁ ଅଦ୍ୟାବଧି ଛୁଇଁ ପାରୁନାହୁଁ । ପ୍ୟାକସରେ କୌଣସି ସମସ୍ୟା ଥିଲେ ଚାଷୀ ଅଭିଯୋଗ ଆଣିପାରିବେ ବୋଲି ସେ ପ୍ରକାଶ କରିଛନ୍ତି ।

# ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୧୯।୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର କୋଷିକା ଝିଲ୍ଲୀ ପରିବହନ ଶୀର୍ଷକ ଏକ ଆଲୋଚନାଚକ୍ର ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ସାଲେପୁର ସ୍ୱୟଂଶାସିତ କଲେଜର ପ୍ରାଣୀ ବିଜ୍ଞାନ ମୁଖ୍ୟ ଡ. ସ୍ୱାତୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶରୀରରେ କୋଷିକାର ପରିବହନ କିପରି ହୁଏ ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ । ଶରୀର ଗଠନରେ ଓ ସୁସ୍ଥ ଜୀବନଯାପନ କରିବାରେ କୋଷିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାନବ ଶରୀରକୁ ଠିକ୍ ଭାବରେ ପରିଚାଳିତ କରିବା ପାଇଁ ଏହା ଏକାନ୍ତ ପ୍ରୟୋଜନ ବୋଲି ମତପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଦିଲୀପ କୁମାର ଭୂୟାଁ ଆଲୋଚନାଚକ୍ର ପରିଚାଳନା କରିଥିଲେ । ପ୍ରାଧ୍ୟାପିକା ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ । ବିଭାଗୀୟ ଡେମୋନଷ୍ଟ୍ରେଟର ଗଣେଶ୍ୱର ଦାସ ସଂଯୋଜନା କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ଯୁକ୍ତ ୩ ଶ୍ରେଣୀର ୧ମ, ୨ୟ ଓ ୩ୟ ବାର୍ଷିକ ପ୍ରାଣୀ ବିଜ୍ଞାନର ସମ୍ମାନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ଶେଷରେ ଡ. ସ୍ୱାତୀ ପଣ୍ଡା ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଆଲୋଚକମାନେ।

# ଶ୍ରାବଣୀକୁ ହରାଇ ବାଲାବାବା ଚାମ୍ପିୟନ

ରାଜନଗର, ୧୯।୨



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ନଳିନୀକାନ୍ତ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫି**

ରାଜନଗର ବ୍ଲକ ଫିରିକିଦାଣ୍ଡି ମିନିଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସିଂହପୁରର ଶ୍ରାବଣୀ କ୍ରିକେଟ କ୍ଲବକୁ କେନ୍ଦ୍ରାପଡା ବାଲାବାବା କ୍ରିକେଟ କ୍ଲବ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି। ଟସ ଜିତି ବାଲାବାବା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶେଖର ଦାସ ଧୂଆଁଧାର ବ୍ୟାଟିଂ କରି ୮ ଛକା ଓ ୭ ଚଉକା ସହାୟତାରେ ୧୨୫ ରନ ସଂଗ୍ରହ କରିଥିଲେ। ଶ୍ରାବଣୀ ତରଫରୁ ଦିବାକର ୪ ଓଭର ବୋଲିଂ କରି ୨୭ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ଶ୍ରାବଣୀ କ୍ରିକେଟ କ୍ଲବ ୧୫ ଓଭରରେ ୧୩୪ ରନ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସନ୍ତୋଷ ମହାନ୍ତି ୩ ଛକା, ୫ ଚଉକା ସହାୟତାରେ ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ବାଲାବାବା ପକ୍ଷରୁ ସଫଳ ବୋଲର ଜୀବନ ମହାନ୍ତି ୪ ଓଭର ବୋଲିଂ କରି ମାତ୍ର ୭ ରନ ଦେଇ ୩ ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଶେଖର ଦାସଙ୍କୁ ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ସୁଧାଂଶୁ ପତି ଓ ବେଷ୍ଟ ବୋଲର ଭାବେ ଜୀବନ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ବାବା ବୈଷ୍ଣବ ଗୋସ୍ୱାମୀ ଯୁବକ ସଂଘର ସଭାପତି ଗାନ୍ଧିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ମୁଖ୍ୟବକ୍ତା ଭାବେ ଚିନ୍ମୟ ପ୍ରସାଦ ବେହୁରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଆଲୋକ ମଂଜରୀ ରାଉତ , ରବୀନ୍ଦ୍ର ପାତ୍ର, ବିଦ୍ୟାଧର କୁଣ୍ଡ, ସନ୍ତୋଷ କୁମାର ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଭାଷ୍ୟକାର ସୁଧୀର ବେହେରା, ଅସିତ ତ୍ରିପାଠୀ, ଅମ୍ପାୟର ନିରଞ୍ଜନ ଦାଶ , ବଂଶୀଧର ସ୍ୱାଇଁ, ଅଞ୍ଜନ ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବାବା ବୈଷ୍ଣବ ଗୋସ୍ୱାମୀ ଯୁବକ ସଂଘର ସଂପାଦକ ଗୁରୁ ଚରଣ ବରାଳ, ସରପଞ୍ଚ କିରଣ ନାୟକ, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର ଏବଂ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ସତୀର୍ଥର ସିଏଏ ଆଲୋଚନାଚକ୍ର

କେନ୍ଦ୍ରାପଡା ଅଫିସ,୧୯।୨

କେନ୍ଦ୍ରାପଡା ବ୍ଲକ କୋରୋସ୍ଥିତ ସତୀର୍ଥ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଏହି ବ୍ଲକର ଢୋଲ ଗ୍ରାମରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଦେଶାତ୍ମବୋଧକ କବିତା ପାଠ ହୋଇଥିଲା । ସାହିତ୍ୟିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ଆଇନଜୀବୀ ରାମକୃଷ୍ଣ ଦାସ, ବିଜୟାନନ୍ଦ ଦାସ, ହେମନ୍ତ କୁମାର ଜେନା, ରଞ୍ଜନ କୁମାର ରଣା, ଚିଁଟିକାନ୍ତ ନାୟକ, ବିନୋଦ ବିହାରୀ ଦାସ, ରତ୍ନାକର ମଲ୍ଲିକ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକମାନେ ଦର୍ଶାଇଥିଲେ ଯେ, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏହି ଆଇନର ଆବଶ୍ୟକୀୟ ସଂଶୋଧନ ହୋଇଛି । ଏହି ଆଲୋଚନାଚକ୍ରରେ ସତୀର୍ଥ ସଭାପତି ଅମର ପ୍ରସାଦ ରାଉତ, ସମ୍ପାଦକ ମନ୍ମଥ ନାଥ ବରାଳ, ଶୁଭ୍ରାଂଶୁ ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଆଦିକନ୍ଦ ରାଉଳ, ରଣଧୀର ଜେନା ପ୍ରମୁଖ ସପକ୍ଷ ଓ ବିପକ୍ଷ ମତ ପ୍ରଦାନ କରିଥିଲେ । ପରେ କବି ଶୈଳଜା ଶଙ୍କର ସାମଲ ଓ ଆଶୋକ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା । ଏଥିରେ ୪୦ରୁ ଊର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ ହୋଇଥିଲା । ଏହାକୁ ଚକ୍ରଧର ସେଠୀ, ସୁନାକର ରାଉତ, ଶଙ୍କର୍ଷଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଡେରାବିଶ,୧୯।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢଙ୍ଗାସ୍ଥିତ ମା' ତାରିଣୀଙ୍କ ପୀଠରେ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ତାରିଣୀ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଶନିବାର ଶୁଭାଧିବାସ, ରବିବାର କଳସଯାତ୍ରା ଓ ଅଗ୍ନିସ୍ଥାପନ ହେବା ସହ ସୋମବାର ଗୁରୁପୂଜା, ମା'ଙ୍କ ଷୋଡଶ ଉପଚାର ପୂଜା, ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଯଜ୍ଞ ଦେଖିବା ପାଇଁ ଡେରାବିଶ ବ୍ଲକର ଇନ୍ଦାଲୋ, ହରିଅଙ୍କ, ଯଅଁରା ବାରିମୂଳ ପଞ୍ଚାୟତ ସମେତ ଗରଦପୁର ବ୍ଲକର ଭଗବାନପୁର, ବଙ୍ଗାଳପୁର ଓ ବଡବେତରା ପଞ୍ଚାୟତର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମା' ତାରିଣୀ ପୂଜା କମିଟିର ସଭାପତି ବୈଦ୍ୟନାଥ ରାଉତ, ସମ୍ପାଦକ ଆଶିଷ କୁମାର ରାଉତରାୟ, ସୁରେନ୍ଦ୍ରନାଥ ପାଳ, ପ୍ରଶାନ୍ତ ସାମନ୍ତରାୟ, ସୁଜିତ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।



ଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ପ୍ରୟାସ ବିଦ୍ୟାର୍ଥୀମାନଙ୍କୁ କପଡ଼ା ବ୍ୟାଗ ବଣ୍ଟନ

ପାଟକୁରା ୧୯।୨(ଡି.ଏନ୍.ଏ.)

ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ଏଣୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସରକାରୀ ତଥା ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି । ବୁଧବାର ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମର କ୍ଷେତ୍ର ଅଧିକାରୀମାନେ ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମ ପଞ୍ଚାୟତର ପରକଣା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ୭୦ ଜଣ ବିଦ୍ୟାର୍ଥୀଙ୍କୁ କପଡା ତିଆରି ବ୍ୟାଗ ବଣ୍ଟନ କରିଥିଲେ। ଦୋକାନରୁ କିଛି କିଣିବାକୁ ଗଲେ ବ୍ୟାଗ ଧରି ଯିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାର୍ଥୀମାନେ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ଦୋକାନୀକୁ କହିବାକୁ କହିଥିଲେ। କପଡ଼ା ବ୍ୟାଗ ବଣ୍ଟନ ବେଳେ ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନା, ସହକାରୀ ଶିକ୍ଷକ ନିରଞ୍ଜନ ପାଲ, ପ୍ରଶାନ୍ତ ଟୁଡୁ, ଅଳକା ମହାପାତ୍ର, ସୁଲୋଚନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ କ୍ଷେତ୍ର କର୍ମଚାରୀଙ୍କୁ ସହାୟତା କରିଥିଲେ ।




ହାତରେ କପଡ଼ା ବ୍ୟାଗ ଧରିଥିବା ବିଦ୍ୟାର୍ଥୀମାନେ ।

# ମହାକାଳପଡା: ୧୬ କେନ୍ଦ୍ରରେ ୩୩୦୧ ଛାତ୍ରୀଛାତ୍ର ପରୀକ୍ଷା ଦେଲେ

ମହାକାଳପଡା,୧୯।୨(ଡି.ଏନ୍.ଏ.)

ବୁଧବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନରେ ମାତୃଭାଷା ଓଡିଆ ବିଷୟରେ ମହାକାଳପଡା ବ୍ଲକର ୧୬ ପରୀକ୍ଷା କେନ୍ଦ୍ରରେ ୩୩୦୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି । ୧୬ ପରୀକ୍ଷା କେନ୍ଦ୍ର ମଧ୍ୟରେ ଜମ୍ବୁ ହାଇସ୍କୁଲ, ଜଗମୋହନ ହାଇସ୍କୁଲ ବାରଡାଙ୍ଗ, ରାମଚଣ୍ଡି ବିଜୟାନନ୍ଦ ହାଇସ୍କୁଲ ରାମନଗର, ଗାନ୍ଧିଜୀ ବିଦ୍ୟାପୀଠ ଗୋଜାବନ୍ଧ, ପଞ୍ଚାୟତ ହାଇସ୍କୁଲ କିଆରବାଙ୍କ, ଯୁଗରୂପା ବିଦ୍ୟାପୀଠ, ଚଡ଼ାଇଗୁଆଁ , ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ଆଶ୍ରମ ବାଲିକୁଦା, ଗୋପୀନାଥପୁର ଶାସନ ହାଇସ୍କୁଲ, ବଜ୍ରବୁଡ଼ି ବାଳିକା ହାଇସ୍କୁଲ ଗୋପୀନାଥପୁର ଶାସନ, ଚମ୍ପକେଶ୍ୱର ହାଇସ୍କୁଲ ଗଡ଼ରୋମିତ, ଗ୍ରାମେଶ୍ୱର ବିଦ୍ୟାପୀଠ ନଳଦିଆ, ବୀଣାପାଣି ବିଦ୍ୟାପୀଠ ଗୟାସପୁର, ବିଷ୍ଣୁ ପ୍ରସାଦ ହାଇସ୍କୁଲ ଅନ୍ଧୁଳି, ବିଜୟନଗର ହାଇସ୍କୁଲ ବିଜୟ ନଗର, ରାହାମା ହାଇସ୍କୁଲ ରାହାମା ଓ ଲଳିତ କୁମାରୀ ବିଦ୍ୟାପୀଠ ମାଳିଅଞ୍ଜ ଆଦି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ପାଇଁ ସମସ୍ତ ପ୍ରଶ୍ନପତ୍ର ହବ ନୋଡ଼ାଲ ସେଣ୍ଟର କିଆରବାଙ୍କ ହାଇସ୍କୁଲଠାରେ ରଖାଯାଇଛି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କ ମତାମତ ନେବାରେ ଅବାଧ, ମୁକ୍ତ ପରୀକ୍ଷା ପରିଚାଳନା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅସାଧୁ ଉପାୟ ଅବଲମ୍ବନ କରିବାର ଖବର ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ମହାକାଳପଡା ବ୍ଲକର ଏକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।

### ମାର୍ଶାଘାଇ ବ୍ଲକର ୭ କେନ୍ଦ୍ରରେ ୪୧ ପରୀକ୍ଷାର୍ଥୀ ଅନୁପସ୍ଥିତ

**ମାର୍ଶାଘାଇ, (ଡି.ଏନ.ଏ.):** ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ବୁଧବାର ପ୍ରଥମ ଦିନରେ ମାତୃଭାଷା ଓଡିଆ ରହିଥିବା ବେଳେ ମାର୍ଶାଘାଇ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ହବ ସେଣ୍ଟର ଭାବରେ ଚିହ୍ନଟ କରାଯାଇ ପ୍ରଶ୍ନପତ୍ର ରଖାଯାଇଛି । ବୁଧବାର କେତୋଟି କେନ୍ଦ୍ରରେ କେତେକ ପରୀକ୍ଷାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା। ମାର୍ଶାଘାଇ ବ୍ଲକର ଆଠଗୋଟି କେନ୍ଦ୍ରରେ ମୋଟ ୧୫୧୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆଡମିଟ କାର୍ଡ ଗ୍ରହଣ କରିଥିଲେ । ତେବେ ମଣିନାଗେଶ୍ୱର ହାଇସ୍କୁଲ ଶିଳିପୁର କେନ୍ଦ୍ରରେ ୧୨୯ରୁ ୧୨୮, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୭ରୁ ୧୮୪, ପଞ୍ଚାୟତ ହାଇସ୍କୁଲ ଅଙ୍ଗୁଳାଇ ୧୪୯ରୁ ୧୪୫,ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୬ରୁ ୧୭୧, ଜନଶକ୍ତି ହାଇସ୍କୁଲ ପେଣ୍ଠର ୨୫୪, ଜୟରାମ ହାଇସ୍କୁଲ କରିଲୋପାଟଣା ୧୯୮ରୁ ୧୯୪, ଆଖୁଆ ଓଡଙ୍ଗ ହାଇସ୍କୁଲ ୧୯୦ରୁ ୧୮୫, ଅନ୍ତେଇ ହାଇସ୍କୁଲ ଅନ୍ତେଇ ୨୨୯ରୁ ୨୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଥମ ଦିନ ମୋଟ ୪୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବାର ମାର୍ଶାଘାଇ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।

### ୧୮୫୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଅନୁପସ୍ଥିତ

**ଡେରାବିଶ,(ସ୍ୱ.ପ୍ର.):** ମାଟ୍ରିକ ପରୀକ୍ଷାର ବୁଧବାର ଥିଲା ପ୍ରଥମ ଦିନ । ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା । ଡେରାବିଶ ବ୍ଲକରେ ଥିବା ୯ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୮୫୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସେମାନଙ୍କ ଆଡମିଟ କାର୍ଡ ପାଇଥିଲେ । ମାତ୍ର ଏମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ସମୁଦାୟ ୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିବା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ସେଥିମଧ୍ୟରୁ ଡେରାବିଶ ହାଇସ୍କୁଲରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ୨ ଜଣ, ଠାକୁର ହାଟସ୍ଥିତ ସୁଦର୍ଶନ ହାଇସ୍କୁଲରେ ଜଣେ, ବେଲାରପୁର ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ୨ ଜଣ, ବଳଭଦ୍ରପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ୮ଜଣ, ଫକିରାବାଦ ରାମଚନ୍ଦ୍ର ଉଚ୍ଚବିଦ୍ୟାପୀଠରେ ୨ ଜଣ, ଅଢ଼ଙ୍ଗା ମଲ୍ଲୀକେଶ୍ୱରପୁର ମଲ୍ଲୀକେଶ୍ୱର ଉଚ୍ଚବିଦ୍ୟାଳୟରେ ଜଣେ, ସତ୍ୟବିହାର ଲାଲବାହାଦୂର ହାଇସ୍କୁଲରେ ଜଣେ, ଦୋହଲୀ ବିବି ମଡେଲ ହାଇସ୍କୁଲରେ ୫ ଜଣ, ଛକନାସ୍ଥିତ ଶାରଦା ଏକାଡେମୀରେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୦/୨୦୨୦ Bhubaneswar, Thursday, February 20/2020

# ଜ୍ୟୋତିଷ ଶାସ୍ତ୍ର ଅନ୍ଧବିଶ୍ୱାସ ନୁହେଁ, ବିଜ୍ଞାନ ସମ୍ମତ

ଜଗତ୍‌ସିଂହପୁର ଅଫିସ୍, ୧୯।୨

ଜ୍ୟୋତିଷ ଶାସ୍ତ୍ରକୁ ଅନ୍ଧବିଶ୍ୱାସ କହିବା ଠିକ ନୁହେଁ, ଏହା ବିଜ୍ଞାନ ସମ୍ମତ। କେତେକ ସମୟରେ ଜ୍ୟୋତିଷୀମାନେ ଲୋକଙ୍କୁ ଭୟଭୀତ କରିବା ପାଇଁ ଚେଷ୍ଟା କରିଥାନ୍ତି; ଯାହାକି ଆଦୌ ଠିକ ନୁହେଁ। ମଙ୍ଗଳ ଓ ଶନି ଚଳନକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି କରାଯାଏ। ଏଭଳି କରା ନ ଯିବା ଉଚିତ। ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ମା’ ଶାରଳା କଳିଙ୍ଗ ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀରେ ଏଭଳି ମତପ୍ରକାଶ ପାଇଛି। ଅତିଥିମାନେ ଯୋଗଦେଇ କହିଥିଲେ, ବିବାହ ସମୟରେ ଝିଅମାନଙ୍କ ମାଙ୍ଗଳିକ ଦୋଷ ଥିବା କହି ତାଙ୍କ ପରିବାରକୁ ଦୁର୍ବଳ କରି ଦିଆଯାଏ। କୁହାଯାଏ ଜାତକରେ ମଙ୍ଗଳ ଦୋଷ ଥିବାରୁ ବିବାହ ପାଇଁ ଆଦୌ ଅନୁକୂଳ ନୁହେଁ। ଅର୍ଥାତ୍ ବିବାହ ହେଲେ କନ୍ୟା କମ୍ ଦିନ ମଧ୍ୟରେ ବିଧବା ହେବାର ଭୟ ରହିଛି। ବାସ୍ତବରେ ଏଭଳି କୁହାଯିବା ସମ୍ପୂର୍ଣ୍ଣ ଭୁଲ୍। ଯଦି କିଛି ଗ୍ରହ ଦୋଷ ଥିବ ତେବେ ତା’ର ପ୍ରତିକାର ଅଛି। ପୂଜାପାଠ ହେଉ ଅବା ଅନ୍ୟ କିଛି ମାଧ୍ୟମରେ ପ୍ରତିକାର କରାଯାଇପାରେ। ଅନୁରୂପ ଭାବେ ଶନି ଦଶା ଚାଲିଥିବା କୁହାଯାଇ ଭୟ ସୃଷ୍ଟି କରାଯାଏ।

ବାସ୍ତବରେ ଶନି କୌଣସି କ୍ଷତି କରନ୍ତି ନାହିଁ। ଶନିଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଚ୍ଚନା ଆଦି ସେଭଳି କିଛି ବ୍ୟବସ୍ଥା ନାହିଁ। ମନୁଷ୍ୟ ଯଦି ଠିକ୍ ବାଟରେ ଅର୍ଥାତ୍ ସତ୍ କାର୍ଯ୍ୟ କରେ ତେବେ ଶନି ସନ୍ତୁଷ୍ଟ ହୋଇଥାନ୍ତି। ଶନି ଚଳନ ସମୟରେ କୌଣସି ବ୍ୟକ୍ତି ତ୍ରୁଟି କଲେ କଠୋର ଦଣ୍ଡ ମିଳିଥାଏ। କିନ୍ତୁ ଠିକ୍ ବାଟରେ ଗଲେ କିଛି ଅସୁବିଧା ହୁଏନାହିଁ। କାହା ମନରେ ଦୁଃଖ ନ ଦେବା, ଗୁରୁଜନଙ୍କୁ ସମ୍ମାନ ଦେବା, ସ୍ନେହ, ପ୍ରେମ, ଭଲ ପାଇବା ଆଦି କଲେ ଶନି ସନ୍ତୁଷ୍ଟ ହୋଇଥାନ୍ତି। ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର ଓ ଅପରାଧ ଆଦିରୁ ନିବୃତ୍ତ ନ ରହିଲେ ଶନିଙ୍କ କୋପ ବଢିଥାଏ ଏବଂ ପରିଣତି ଭୟଙ୍କର ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଜ୍ୟୋତିର୍ବିଦ୍ ପ୍ରମୋଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ ସମ୍ମତ ବୋଲି କହିଥିଲେ। ତାଙ୍କ ଯୁକ୍ତି ଥିଲା ଜ୍ୟୋତିଷୀମାନେ ଶାସ୍ତ୍ରକୁ ଠିକ୍ ଭାବେ ବିନିଯୋଗ କରିବା ଉଚିତ। ଶାସ୍ତ୍ରର ଉପଯୁକ୍ତ ବିନିଯୋଗ ନ ହେଲେ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ।

ଜ୍ୟୋତିଷୀମାନେ ଏହିଭଳି ସମ୍ମିଳନୀ ମାଧ୍ୟମରେ ସକରାତ୍ମକ ଆଲୋଚନା କଲେ ସୁଫଳ ମିଳିପାରିବ। ଜଗତ୍‌ସିଂହପୁରରେ ଏଭଳି ଏକ ସମ୍ମିଳନୀର ଆୟୋଜନ ହେବା ଏବଂ ଏଥିରେ ତାଙ୍କୁ ଡକାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ତଥା ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ମଧ୍ୟ ଜ୍ୟୋତିଷ ଶାସ୍ତ୍ରର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିର୍ବିଦ ଶ୍ୟାମ ସୁନ୍ଦର ବାଘ, ଜ୍ୟୋତିର୍ବିଦ୍ ମୃତ୍ୟୁଞ୍ଜୟ ଦାଶ ଓ ମାନବାଧିକାର କମିଶନର ପଦାଧିକାରୀ ନରୋତ୍ତମ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ରର ଆବଶ୍ୟକତା ଓ ଏହାର ବିନିଯୋଗର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମା’ କାନକଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଟ୍ରଷ୍ଟର ପ୍ରତିଷ୍ଠାତା ଜ୍ୟୋତିର୍ବିଦ୍ ସୂର୍ଯ୍ୟନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ଟ୍ରଷ୍ଟର ଅଧ୍ୟକ୍ଷ ଜ୍ୟୋତିର୍ବିଦ୍ କିଶୋର ନନ୍ଦ ଧନ୍ୟବାଦ ଦେଇଥିଲେ।



ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

### ମା’ ଶାରଳା କଳିଙ୍ଗ ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀ

- ମଙ୍ଗଳ ଓ ଶନି ଚଳନକୁ ନେଇ ଭୟ ସୃଷ୍ଟି କରାଯିବା ଉଚିତ ନୁହେଁ
- ସବୁ ସମସ୍ୟାର ସମାଧାନ କରାଯାଇ ପାରିବ, ଶନି କ୍ଷତିକରନ୍ତି ନାହିଁ

# ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିଲା ରାଶନ ସାମଗ୍ରୀ

### ତୁଟିଲା ବିବାଦ

ବାଲିକୁଦା, ୧୯।୨ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଧୀନ ଅଳାଭର ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନକୁ ନେଇ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ବିଡିଓ କଲ୍ୟାଣ ସୌରଭ ଦାଶ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ସାମଗ୍ରୀ ଦେବାର ବ୍ୟବସ୍ଥା କରିଛନ୍ତି। ପଞ୍ଚାୟତର ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ସେମାନଙ୍କ ସାମଗ୍ରୀ ପଞ୍ଚାୟତ କାର୍ଯ୍ୟାଳୟରୁ ନେଇଛନ୍ତି। ସରପଞ୍ଚ ଅଶୋକ ବିଶ୍ୱାଳ, ବାଲିକୁଦା ଯୋଗାଣ ନିରୀକ୍ଷିକା ଅରୁଣା ସ୍ୱାଇଁଙ୍କ ଉପସ୍ଥିତିରେ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ସାମଗ୍ରୀ ବଣ୍ଟନକୁ କେନ୍ଦ୍ରକରି ଦୀର୍ଘଦିନ ହେବ ସମସ୍ୟା ଦେଖା ଦେଇଥିଲା। ଏପରି କି ହିତାଧିକାରୀ ଦୁଇଦିନ ତଳେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚଙ୍କୁ ଅଟକ ରଖିବା ସହିତ ଧାରଣାରେ ବସିଥିଲେ। ଘଟଣାର ସମାଧନ ପାଇଁ ବିଡିଓ ଦାଶ ୪୮ ଘଣ୍ଟା ସମୟ ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଘଟଣାର ସମାଧାନ କରାଯାଇଛି।




# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

ନାଉଗାଁ, ୧୯।୨ (ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ତିରୁଣା ପଞ୍ଚାୟତ ତେଣ୍ଟୋଇ ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଓଷକଣା ପଞ୍ଚାୟତ ନୟାସିଙ୍ଗଡା ଗ୍ରାମର ବାବାଜୀ ଓଝାଙ୍କ ଝିଅକୁ ଯୌତୁକ ପାଇଁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ବାବାଜୀ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ବାବାଜୀଙ୍କ ଅଭିଯୋଗ ଅନୁସାରେ, ୬ବର୍ଷ ତଳେ ତାଙ୍କ ଝିଅ ଜୟନ୍ତୀ ମହାରଣା ତେଣ୍ଟୋଇ ଗ୍ରାମର ଦିଲୀପ ମହାରଣାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘର ଦାବି ମୁତାବକ ସମସ୍ତ ଜାନି ଯୌତୁକ ଦିଆଯାଇଥିଲା। ବିବାହ ପରେ ଦିଲୀପଙ୍କ ମା’ ପ୍ରେମଲତା ଜୟନ୍ତୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଦିଲୀପ ଫର୍ନିଚର ଦୋକାନ କରିବା ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ କିଛି ଟଙ୍କା ଆଣିବାକୁ ଜୟନ୍ତୀଙ୍କୁ ଶାଶୁ ପ୍ରେମଲତା କହିଥିଲେ। ହେଲେ ଜୟନ୍ତୀ ଏଥିରେ ରାଜି ନ ହେବାରୁ ପ୍ରେମଲତା ତାଙ୍କୁ ନିର୍ଯାତନା ଦେଉଥିଲେ। ଫଳରେ ମଙ୍ଗଳବାର ରାତିରେ ଦିଲୀପ ଓ ପ୍ରେମଲତା ମିଶି ଜୟନ୍ତୀଙ୍କୁ ମାରି ଟାଙ୍ଗି ଦେଇଛନ୍ତି। ତେଣୁ ଜୟନ୍ତୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ଘଟଣା ସ୍ଥଳକୁ ଥାନାଧିକାରୀ ଗୋବର୍ଦ୍ଧନ ସାହୁ ଯାଇ ତଦନ୍ତ କରିଛନ୍ତି। ମାଜିଷ୍ଟ୍ରେଟ ଜେ.କଳ୍ପନାଙ୍କ ଉପସ୍ଥିତିରେ ମୃତଦେହ ଖୋଲାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବର ଲେଖା ହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଦିଲୀପଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିକ୍ଷକଙ୍କୁ ବହିଷ୍କାର କଲେ କର୍ତ୍ତୃପକ୍ଷ

ଜଗତ୍‌ସିଂହପୁର ଅଫିସ୍, ୧୯।୨

### ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ଘଟଣା

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ମଙ୍ଗଳବାର ଅଭିଯୋଗ ହୋଇଥିଲା। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୨ ସପ୍ତାହ ଦାୟିତ୍ୱରୁ ନିବୃତ୍ତ ଅର୍ଥାତ୍ ଶିକ୍ଷାନୁଷ୍ଠାନ ବାରଣ୍ଡା ନ ମାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସକାଳ ୧୦ଟାରେ ସମ୍ପୃକ୍ତ ଶିକ୍ଷକଙ୍କୁ ଶିକ୍ଷାନୁଷ୍ଠାନରୁ ବହିଷ୍କାର କରାଯାଇଛି। ମାତ୍ର ଏହା ଯଥେଷ୍ଟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଛାତ୍ରୀଙ୍କ ପ୍ରତି ଅଭିଯୁକ୍ତ ଶିକ୍ଷକ ଯେଉଁଭଳି ଆଚରଣ ପ୍ରଦର୍ଶନ କରିଥିଲେ ତାହା ଅକ୍ଷମଣୀୟ। କିନ୍ତୁ ମାମଲାକୁ ଚାପି ଦେବା ପାଇଁ ହେଉଥିବା ଉଦ୍ୟମକୁ ସାଧାରଣରେ ନାପସନ୍ଦ କରାଯିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟରୁ ବହିଷ୍କାର କରି ଦିଆଯାଇଥିବା ନେଇ ଛାତ୍ରୀଙ୍କ ମା’ଙ୍କୁ ଜଣାଇ ଦିଆଯାଇଛି। ଘଟଣା ସମ୍ପର୍କରେ ସେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ, ସମ୍ପୃକ୍ତ ଶିକ୍ଷକ ଗଣିତ ପଢାନ୍ତି। ଛାତ୍ରୀଙ୍କୁ ସେ ଅସଦାଚରଣ କରିଥିବା ତାଙ୍କ ମା’ ଅଭିଯୋଗ କରିଥିଲେ। କେବଳ ତାଙ୍କ ମା’ ନୁହନ୍ତି ଅନ୍ୟ ୩ ଜଣଙ୍କ ମା’ ମଧ୍ୟ ଏକାଠି ଆସି ଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ଅଙ୍ଗୁଳି ଉଠାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ମା’ ସେମାନଙ୍କ ଝିଅଙ୍କ ପ୍ରତି ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ କରିଥିଲେ। ଅନ୍ୟ ୨ଜଣ ତାଙ୍କ ପିଲାଙ୍କୁ ଶିକ୍ଷକ ଗାଳିଗୁଲଜ, ଏପରି କି ମାଡ ମାରିଥିବା ଅଭିଯୋଗ କରିଥିଲେ। ନାବାଳିକା ନିର୍ଯାତନା ମାମଲା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଗୁରୁତ୍ୱାରୋପ କରୁଛନ୍ତି। ଏହି ମାମଲାଗୁଡିକର ତ୍ୱରିତ ବିଚାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାମଲାକୁ ବିଭିନ୍ନ ସ୍ତରରେ ଗମ୍ଭୀରତାର ସହ ନିଆଯାଉଛି। କିନ୍ତୁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଏଭଳି ଅଭିଯୋଗ ଉପରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନ ହେବା ଆଲୋଚନାର ବିଷୟ ହୋଇଛି। ନାବାଳିକା ନିର୍ଯାତନା ମାମଲା ତଥା ପକ୍ସୋ (ପ୍ରୋଟେକ୍ସନ୍ ଅଫ ଚାଇଲ୍ଡ ଫ୍ରମ୍ ସେକ୍ସୁଆଲ ଅଫେନ୍ସେସ୍) ଆଇନ ବଳରେ ଶିକ୍ଷକଙ୍କୁ ପୋଲିସ ତୁରନ୍ତ ଗିରଫ କୋର୍ଟ ଚାଲାଣ କରିବା କଥା। କିନ୍ତୁ ପୀଡିତାଙ୍କ ପରିବାର ଉପରେ ଶିକ୍ଷକ ଚାପ ପକାଇ ମାମଲା ରଫାଦଫା କରିଦେବାକୁ ଉଦ୍ୟମ କରୁଛନ୍ତି। ଯେଉଁ କାରଣରୁ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ କିମ୍ବା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି) ଆଦିରେ ଅଭିଯୋଗ କରା ଯାଉ ନ ଥିବା ଚର୍ଚ୍ଚା ଚାଲିଛି।




# ବିଏମ୍‌ସିସି ଗୋଳକୁଣ୍ଡ ବିଜୟୀ

ଧର୍ମଶାଳା, ୧୯।୨ (ଡି.ଏନ୍.ଏ.)

### ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଏସ୍‌ସିସି ସୁକିନ୍ଦାକୁ ୭୦ରନ୍‌ରେ ପରାସ୍ତ କରି ବିଏମ୍‌ସିସି ଗୋଳକୁଣ୍ଡ ବିଜୟୀ ହୋଇଛି। ଟସ୍ ଜିତି ଗୋଳକୁଣ୍ଡ ପ୍ରଥମେ ବ୍ୟାଟିଂ କରି ୪୨.୨ଓଭରରେ ସମସ୍ତ ଉଇକେଟ ହରାଇ ୨୩୮ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ବିକ୍ରମ କେଶରୀ ୫୮ ରନ୍ ଓ ଜ୍ୟୋତି ପ୍ରକାଶ ୪୨ରନ୍ କରିଥିଲେ। ବିପକ୍ଷ ଏସ୍‌ସିସି ସୁକିନ୍ଦା ପକ୍ଷରୁ ପକ୍ଷରୁ ବିଭୁଦତ୍ତ ୩ଟି ଓ ଜୀବନାନନ୍ଦ ବେହୁରା ୨ଟି ଉଇକେଟ ନେଇଥିଲେ । ଏହାର ଜବାବରେ ଏସ୍‌ସିସି ସୁକିନ୍ଦା ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିକ୍ରମ ଦାସ ୮୪ ରନ ଓ ଉତ୍କଳ ବାରିକ ୨୭ରନ୍ କରିଥିଲେ। ବିପକ୍ଷ ଗୋଳକୁଣ୍ଡ ପକ୍ଷରୁ ୫ଟି ଓ ଆଶୁତୋଷ ସାହୁ ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଇନ୍ତେକାବ ଆଲାମ ଓ ଅମିୟ ପରିଡ଼ା ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ। ଆସନ୍ତାକାଲି ଏମ୍‌ଟିଏସ୍ ଗୁଲଜାରନଗର ପାଟଣା ଓ ଏମସିସି ଯାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




| ମଡେଲ | ଅପଗ୍ରେଡ଼ ଲାଭ*(₹) | ଏକ୍ସଚେଞ୍ଜ ଲାଭ*(₹) | କର୍ପୋରେଟ ଲାଭ*(₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ*(₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1 39 000.00 | 25 000.00 | 7 000.00 | 1 71 000.00 |
| M6 | 77 000.00 | 25 000.00 | 7 000.00 | 1 09 000.00 |
| M4 | 36 000.00 | 15 000.00 | 7 000.00 | 58 000.00 |

UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 8929207515 | ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999400, JAJPUR, PANIKOILI: 7873999027



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



# ଭିସା କୋକ୍‌ରୁ ବାହାରୁଛି ସଲ୍‌ଫର ଡାଇଅକ୍ସାଇଡ

- ବିପଦରେ ଅଞ୍ଚଳବାସୀଙ୍କ ଜୀବନଚର୍ଯ୍ୟା
- ଏସ୍‌ପିସିବି ଅଧକ୍ଷଙ୍କ ଦ୍ୱାରସ୍ଥ, ଅନୁମତି ବାତିଲ ଦାବି
- ମାସକୁ ଲିଟର ପିଛା ୫୦୦ ଗ୍ରାମ ସଲ୍‌ଫର ଡାଇଅକ୍ସାଇଡ

ଯାଜପୁର ଅଫିସ,୧୯।୨

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗୋଟିଏ ପାଚେରୀ ପରିସର ମଧ୍ୟରେ ଦୁଇଟି କାରଖାନା ପ୍ରତିଷ୍ଠା ହୋଇଛି। ଭିସା ଷ୍ଟିଲ କାରଖାନା ପରିସରରେ ଭିସା କୋକ୍ ଲିମିଟେଡ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ କାରଖାନା ପରିସରରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଗଢି ଉଠିଛି। ଏଥିଯୋଗୁ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପରିଚାଳନା ବାଧାପ୍ରାପ୍ତ ହେଉଥିବାବେଳେ ଆଖପାଖ ଲୋକ ଭିସା କୋକ୍ ଲିମିଟେଡର କଳାତାଣ୍ଡବରେ ରୁନ୍ଧି ହେଉଛନ୍ତି। ଏହି କାରଖାନାର ସଲ୍‌ଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ଓ ନାଇଟ୍ରୋଜେନ ଅକ୍ସାଇଡର ଅଧିକ ପ୍ରଦୂଷଣ ଆଖପାଖ ପ୍ରାୟ ୨୦ହଜାର ଲୋକଙ୍କ ଜୀବନଚର୍ଯ୍ୟାକୁ ଦୁର୍ବିସହ କରିଛି। ଅନ୍ୟପକ୍ଷେ ଏହି ଶିଳ୍ପାୟନ ପ୍ରକ୍ରିୟାରେ ସମ୍ପୃକ୍ତ ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ରହିଥିଲେ ହେଁ ନ ଥିଲା ଭଳି ମନେ ହେଉଛି। ଏହି ମର୍ମରେ ଅଞ୍ଚଳବାସୀ ଏସ୍‌ପିସିବିର ଅଧକ୍ଷଙ୍କୁ ଭିସା କୋକ୍ କାରଖାନାର ପରିଚାଳନା ଅନୁମତି ନବୀକରଣ ନ କରି କ୍ଲୋଜର ନୋଟିସ ଦେବାକୁ ଦାବି କରିଛନ୍ତି।

ଗ୍ଲୋବାଲ ୱାର୍ମିଂଠାରୁ ଆରମ୍ଭ କରି ପରିବେଶଗତ ଭାରସାମ୍ୟ ଅଭାବରୁ ଜଳବାୟୁର ବ୍ୟତିକ୍ରମକୁ ନେଇ ସବୁଆଡ଼େ ଚର୍ଚ୍ଚା ହେଉଛି। ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦିଆଯାଉଥିବା ସରକାର ଦାବି କରୁଛନ୍ତି। ହେଲେ ଯାଜପୁର ଜିଲା ଦାନଗଦୀ ବ୍ଲକର ଯଖପୁରା, ରାବଣା, କୁଡୁମୀସାହି, ଦଶମାଣିଆ, ଅରାସାହି, ବାଲୁଙ୍ଗାବନ୍ଧି,



ଅଁଳାପାଳ, ତେଲିବାହାଲି, ମଙ୍ଗଳପୁର, ଖରଡି, ସାତବାଇଶିଆ ପ୍ରଭୃତି ଗ୍ରାମବାସୀଙ୍କୁ ଏହି ସମସ୍ତ ଚର୍ଚ୍ଚା ଓ ଦାବି ପ୍ରହସନ ହୋଇଛି। ଭିସା କୋକ ଲିମିଟେଡ କାରଖାନାର ପ୍ରଦୂଷଣକୁ ଦହ ଦହ ଭୋଗୁଥିବା ଉପରୋକ୍ତ ଗ୍ରାମବାସୀଙ୍କ ଦୁଃଖ ଯେମିତିକୁ ସେମିତ ରହିଛି। ବିଭିନ୍ନ ସର୍ତ୍ତ ରଖି ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୩୨୨୯/୨୯।୩।୨୦୧୯ ତାରିଖରେ ଭିସା କୋକ୍ କାରଖାନାକୁ ପରିଚାଳନା ସମ୍ମତି ପ୍ରଦାନ କରିଛି। ଏହି ସମ୍ମତି ଆସନ୍ତା ୩୧।୩।୨୦୨୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ହେଲେ ବିଭିନ୍ନ ସର୍ତ୍ତକୁ ଉଲ୍ଲଂଘନ କରାଗଲେ ଯେକୌଣସି ମୁହୂର୍ତ୍ତରେ କ୍ଲୋଜର ନୋଟିସ ଦିଆଯିବ ବୋଲି ସମ୍ମତି ପତ୍ରରେ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ବାର୍ଷିକ ୪ଲକ୍ଷ ମେଟ୍ରିକଟନ ଲ୍ୟାମକୋକ ଉତ୍ପାଦନ ପାଇଁ ଭିସା କୋକ୍ ଲିଃକୁ ଅନୁମତି ମିଳିଛି। ତେବେ ଏହି କାରଖାନା ପୂର୍ବରୁ ୪୮୫ ହେକ୍ଟର ଜମିରେ ପ୍ରତିଷ୍ଠିତ ଭିସା ଷ୍ଟିଲ କାରଖାନା ପରିସରରେ ଗଢି ଉଠିଛି। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁସାରେ ୧୫।୧।୨୦୨୦ରୁ ୧୫।୨।୨୦୨୦ ତାରିଖ ପର୍ଯ୍ୟନ୍ତ ଅନଲାଇନ ମନିଟରିଂ ଷ୍ଟେକ ଏମିଶନ ଡାଟାରୁ ସଂଗୃହିତ ତଥ୍ୟରେ ସଲଫର ଡାଇଅକ୍ସାଇଡସ୍ତର ସବୁବେଳେ ଲିଟର ପିଛା ୪୦୦ଗ୍ରାମରୁ ଊର୍ଦ୍ଧ୍ୱ ରହିଛି। ଅନ୍ୟପକ୍ଷେ ସଲଫର ଡାଇଅକ୍ସାଇଡ ବାର୍ଷିକ ଲିଟର ପିଛା ୫୦ମିଲିଗ୍ରାମ ରହିବାସ୍ଥଳେ ଏହି ମାସକ ମଧ୍ୟରେ ଲିଟର ପିଛା ୫୦୦ ମିଲିଗ୍ରାମରୁ ଊର୍ଦ୍ଧ୍ୱ ରହିଛି। ଏପରିକି ୨୪ ଘଣ୍ଟାରେ ଲିଟର ପିଛା ୮୦ ମିଲିଗ୍ରାମ ସଲଫର ଡାଇଅକ୍ସାଇଡ ରହିଛି। ନିଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାରେ ସଲଫର ଡାଇଅକ୍ସାଇଡ ମଣିଷକୁ ବହୁଳ ମାତ୍ରାରେ ପ୍ରଭାବ ପକାଇଥାଏ। ନାକ, ଗଳା ଓ କର୍ଣ୍ଣକୁ ବ୍ୟତିବ୍ୟସ୍ତ କରିଥାଏ। ଏଥିଯୋଗୁ କାଶ ଓ ଛାତି ଯନ୍ତ୍ରଣା ହୋଇଥାଏ। ସଲ୍‌ଫର ଡାଇଅକ୍ସାଇଡ ତୁରନ୍ତ ବ୍ୟାପି ମଣିଷକୁ ବିଭିନ୍ନ ରୋଗରେ ଆକ୍ରାନ୍ତ କରିଥାଏ। ଯାହାକି ଉପରୋକ୍ତ ଗ୍ରାମର ପ୍ରାୟ ୨୦ ହଜାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାସହ ଭିସା କୋକ୍ ବିଜୁ ପଟ୍ଟନାୟକ ଛକ ସ୍ଥିତ ୩ ନମ୍ବର କଲଭର୍ଟରେ ବିନା ଉପଚାରରେ ବର୍ଜ୍ୟଜଳ ଛାଡୁଥିବାରୁ ଅଞ୍ଚଳର ଚାଷଜମିର ଉର୍ବରତା ନଷ୍ଟ ହେଉଛି। ଏହି ପରିପ୍ରେକ୍ଷୀରେ ଭିସା କୋକ୍ କାରଖାନାର ଅନୁମତି ନବୀକରଣ ନ କରି କାରଖାନାକୁ କ୍ଲୋଜର ନୋଟିସ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ସେହି ପରିସରରେ ଭିସା ଷ୍ଟିଲ କାର୍ଯ୍ୟକ୍ଷମ ହେଉଥିଲେ ହେଁ ସେତେଟା ବାୟୁ ପ୍ରଦୂଷଣ ସୃଷ୍ଟି କରୁନାହିଁ। କିନ୍ତୁ ଭିସା କୋକ୍‌ର କଳାତାଣ୍ଡବ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଏସଂକ୍ରାନ୍ତରେ ଭିସା କୋକ୍‌ର ଅଧିକାରୀ ବିକାଶ ଦାସଙ୍କୁ ପଚାରିବାରେ ଏସ୍‌ପିସିବିର ବିଭିନ୍ନ ସର୍ତ୍ତ ଅନୁସାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ଭିସା କୋକ୍‌ର ବାୟୁ ପ୍ରଦୂଷଣ ସଂକ୍ରାନ୍ତରେ ହୋଇଥିବା ଅଭିଯୋଗର ତଦନ୍ତ କରାଯିବ। ତଦନ୍ତରେ ଅଧିକ ମାତ୍ରାରେ ଯଦି ସଲଫର ଡାଇଅକ୍ସାଇଡ ବାହାରୁଛି ତେବେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଚନ୍ଦ୍ରଶେଖର ନୋଡାଲ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଭାବରୁ ପାଠପଢ଼ା ଠପ୍

ଯାଜପୁର ଅଫିସ,୧୯।୨

ଯାଜପୁର ଜିଲା ବରୀ ବ୍ଲକ କୃଷ୍ଣନଗର ଚନ୍ଦ୍ରଶେଖର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସହ ୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହାସହ କାର୍ଯ୍ୟରତ ୫ଜଣ ଶିକ୍ଷୟିତ୍ରୀ ପଢ଼ା ଉପରେ ଠିକ୍ ଭାବେ ଧ୍ୟାନ ଦେଉ ନ ଥିବାରୁ ପାଠପଢା ବ୍ୟାଘାତ ଘଟୁଛି। ୧ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲର ଛାତ୍ରୀଛାତ୍ରମାନେ ବିନା ପାଠ ପଢାରେ ପରୀକ୍ଷା ଦେଇଛନ୍ତି। ଏହିମର୍ମରେ କୃଷ୍ଣନଗର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଦୃଷ୍ଟି ଆକର୍ଷଣ କରିବାରୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି। ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଏହି ଅଭିଯୋଗ ଉପରେ ସତ୍ୟାସତ୍ୟ ଅନୁସନ୍ଧାନ କରି ବିହିତ ପଦକ୍ଷେପ ନେବା ସହିତ ଏକ କାର୍ଯ୍ୟାନ୍ୱୟନ ରିପୋର୍ଟ ଦାଖଲ କରିବାକୁ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ମୁତାବକ ପୂର୍ବରୁ ଶିକ୍ଷାସଚିବ ନିକଟବର୍ତ୍ତୀ ଅନ୍ୟସ୍କୁଲର ଜଣେ ପ୍ରଧାନଶିକ୍ଷକଙ୍କୁ ଏହି ବିଦ୍ୟାଳୟକୁ ସପ୍ତାହରେ ୩ଦିନ ପାଇଁ ପଠାଇଥିଲେ। ତେବେ ତାଙ୍କ ନାମରେ ମିଥ୍ୟା ଅପବାଦ ଭୟରେ ଡାକ୍ତରୀ ସାର୍ଟିଫିକେଟ ଦେଇ ଆଉ ଆସୁନାହାନ୍ତି ବୋଲି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସଂସ୍କୃତ ସାହିତ୍ୟରେ ରସ ବିଚାର ଶୀର୍ଷକ ପାଠଚକ୍ର

**ରସୁଲପୁର,୧୯।୨(ଡି.ଏନ୍.ଏ.):** ସଂସ୍କୃତ ଭାଷା ଆଦି ଭାଷା ଭାବରେ ଖ୍ୟାତି ରହିଛି। ଏହି ଭାଷାକୁ ଅନ୍ୟ ସମସ୍ତ ଭାଷାର ଜନନୀ ବୋଲି କୁହାଯାଏ। ପୁରାଣ ଯୁଗର ସବୁ ଧର୍ମଗ୍ରନ୍ଥ, ପ୍ରବନ୍ଧ, ସାହିତ୍ୟର ସଂସ୍କୃତ ଭାଷାରୁ ଅନୁବାଦିତ। ଏହି ଭାଷାକୁ ଶ୍ରେଷ୍ଠ ଭାଷା ଭାବରେ ବିବେଚନା କରାଯାଉଛି। ଏହାଛଡା ଜଗତ ରସମୟ ହୋଇଥିବା ବେଳେ ସଂସ୍କୃତ ସାହିତ୍ୟର ରସ ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ରସ ବୋଲି ବ୍ରହ୍ମବରଦା ଡିଗ୍ରୀ କଲେଜର ସଂସ୍କୃତ ବିଭାଗ ପକ୍ଷରୁ ରସ ବିଚାର ଶୀର୍ଷକ ଅନୁଷ୍ଠିତ ଆଲୋଚନାଚକ୍ର ମତ ପ୍ରକାଶ ପାଇଛି। ବିଭାଗୀୟ ମୁଖ୍ୟରଶ୍ମୀକାନ୍ତ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ବିଷୟ ବିଶାରଦ ଅଧାପକ ଶଶଧର ପତି, କଟକସ୍ଥିତ ମିରାଦେଇ ସଂସ୍କୃତ ମହାବିଦ୍ୟାଳୟର ଅଧାପକ ଅଜୟ ପ୍ରକାଶ ଦାସ, ଯୁକ୍ତ ଦୁଇ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ସୁଚିତ୍ରାନନ୍ଦ ଦାଶ, ଅଧାପକ ସୌଭାଗ୍ୟ କୁମାର ସାହୁ, ରୁହୁଲ୍ ଅମିନ, ସୂର୍ଯ୍ୟକାନ୍ତ ରାଉତ, ଶିବପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯିବା ସହ ଭିତ୍ତିପ୍ରବନ୍ଧ ପାଠ କରିଥିଲେ।

### ଇଚ୍ଛାପୁରରେ ଯୁବ ସଂସଦ ଗଠିତ

**ବରୀ, ୧୯।୨ (ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ବାଇଁଶିରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ବୁଧବାର ଯୁବ ସଂସଦ ଗଠିତ ହୋଇଛି। ଏ ନେଇନେହେରୁ ଯୁବ କେନ୍ଦ୍ର ଓ ଶଙ୍କରେଶ୍ୱର ୟୁଥ୍ କ୍ଲବର ମିଳିତ ସହଯୋଗରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ ସୁରକ୍ଷା କର୍ମୀ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକମାନଙ୍କ ଲାଗି ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସତ୍ୟରଞ୍ଜନ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରୀ ଯୋଜନାରେ ସାଧାରଣ ଲୋକଙ୍କ ଭୂମିକା ଉପରେ ସଚେତନ କରିଥିଲେ। ରବି ମଲ୍ଲିକ, ଗୟାଧର ମଲ୍ଲିକ, ଆବୁଲ କଲାମ, ସୁଦର୍ଶନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଭାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବିଜୁ ବିକାଶ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବରୀ, ୧୯।୨ (ସ୍ୱ.ପ୍ର.):** ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ରୁଦ୍ରପୁର ଗ୍ରାମରେ ଥିବା ବିଜୁ ବିକାଶ ବରିଷ୍ଠ ନାଗରିକ ମଞ୍ଚର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପ୍ରଭାତ ପାଣି ଅଧକ୍ଷତା କରିଥିଲେ। ଏଥିରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ସମସ୍ୟା ସମାଧାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏହି ଦାବିପତ୍ର ପ୍ରେରଣ କରାଯାଇଥିବା ମଞ୍ଚ ସଦସ୍ୟ ସୂଚନା ଦେଇଛନ୍ତି। ବୈଠକରେ ୫୦ ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ବୋଲି ମଞ୍ଚ ପକ୍ଷରୁ ପ୍ରକାଶିତ ପ୍ରେସ ବିବୃତିରେ ଦର୍ଶାଯାଇଛି।

### ଭାରତମାତା ମନ୍ଦିର ନିର୍ମାଣ ଭୂମିପୂଜନ

**ଯାଜପୁର ଅଫିସ,୧୯।୨:** କେଶବ ସଂସ୍କୃତିକ ସେବା ସମିତି ଆନୁକୂଲ୍ୟରେ ବୁଧବାର ଯାଜପୁର ଜିଲା ପାଣିକୋଇଲି ନିକଟସ୍ଥ ଅଳତିରା ଗ୍ରାମ ଶିବମନ୍ଦିରରେ ଭାରତ ମାତା ମନ୍ଦିରର ଭୂମି ପୂଜନ ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଂଯୋଜକ ଧର୍ମେନ୍ଦ୍ର ମଲ୍ଲିକଙ୍କ ଆହ୍ୱାନକ୍ରମେ ଜିଲାର ବିଭିନ୍ନ ଆନୁସଙ୍ଗିକ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏଥିରେ ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ଆଦିକନ୍ଦ ବୈଶାଖ, ରମାକାନ୍ତ ଦାସ, ଗୋପାଳଚରଣ ମଲ୍ଲିକ, ଜିଲା କାର୍ଯ୍ୟନିର୍ବାହୀ ବରୁଣ କୁମାର ବନଛୋର, ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଚିନ୍ମୟସ୍ୱରୂପ ପଣ୍ଡା, ଭାରତୀୟ ମଜଦୂର ସଂଘର ସଭାପତି ନିତ୍ୟାନନ୍ଦ ମହାଲିକ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ଦେ, ଗଣେଶ ମାଝୀ, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୫୮ ବର୍ଷୀୟା ମହିଳା ଦେଲେ ମାଟ୍ରିକ ପରୀକ୍ଷା

ଧର୍ମଶାଳା,୧୯।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ବଡ଼ମଙ୍ଗଳପୁର ଗ୍ରାମର ୫୮ବର୍ଷର ଜଣେ ମହିଳା ବୁଧବାର ମାଟ୍ରିକ ପରୀକ୍ଷା ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବଡ଼ମଙ୍ଗଳପୁର(କପିଳେଶ୍ୱରପୁର) ଗ୍ରାମର ଅର୍ଚ୍ଚନା ଦାଶ ପତ୍ର ବିନିମୟ ମାଧମରେ ଯାଜପୁର ସରକାରୀ ହାଇସ୍କୁଲରେ ପରୀକ୍ଷା ଦେଇଛନ୍ତି। କପିଳେଶ୍ୱରପୁର ଗ୍ରାମର ଅର୍ଚ୍ଚନା ଆଶା କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ପୁଅ,ବୋହୁ ଓ ନାତୀ ନାତୁଣୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ମାଟ୍ରିକ ପରୀକ୍ଷା ଦେଇଥିବା ଅର୍ଚ୍ଚନା ଗଣମାଧମକୁ ସୂଚନା ଦେଇଛନ୍ତି।



ଅର୍ଚ୍ଚନା ଦାଶ

## ୧୫ କେନ୍ଦ୍ରରେ ୨୪୫୧ ପରୀକ୍ଷାର୍ଥୀ

ବରୀ, ୧୯।୨ (ସ୍ୱ.ପ୍ର)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ବରୀ ଓ ବଡଚଣା ବ୍ଲକ ଅଧୀନରେ ଥିବା ୧୫ କେନ୍ଦ୍ରରେ ୨୪୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେବେ ପ୍ରଥମ ଦିନରେ ୫୪ ଜଣ ପରୀକ୍ଷର୍ଥୀ ଅନୁପସ୍ଥିତ ରହିଥିବା ବରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବରୀ ମାଉଣ୍ଡସ୍ଥିତ କୃପାସିନ୍ଧୁ ବିଦ୍ୟା ଭବନ ନୋଡାଲ କେନ୍ଦ୍ର ହୋଇଥିବା ବେଳେ ଏହା ଅଧୀନରେ ୧୫ଟି ପରୀକ୍ଷା କେନ୍ଦ୍ର ରହିଛି।

## ୧୮ କେନ୍ଦ୍ରରେ ପରୀକ୍ଷା ଦେଲେ ୩୧୨୮ ମାଟ୍ରିକ ପରୀକ୍ଷାର୍ଥୀ

ଧର୍ମଶାଳା,୧୯।୨(ଡି.ଏନ୍.ଏ.)



ଧର୍ମଶାଳା ବ୍ଲକ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକରେ ୧୮ଟି ପରୀକ୍ଷା କେନ୍ଦ୍ରରେ ସାହିତ୍ୟ ପରୀକ୍ଷାରେ ୩୧୭୦ଜଣଙ୍କ ମଧ୍ୟରୁ ୩୧୨୮ଜଣ ପରୀକ୍ଷା ଦେଇଛନ୍ତି। ୪୨ଜଣ ଅନୁପସ୍ଥିତ ଅଛନ୍ତି। ଧର୍ମଶାଳା ବ୍ଲକର ଜେନାପୁର ହାଇସ୍କୁଲରେ ୧୦ ଜଣ, ସ୍ୱପ୍ନେଶ୍ୱର ହାଇସ୍କୁଲ ବାଟିଯୋଡା ପରୀକ୍ଷା କେନ୍ଦ୍ରରେ ୯ଜଣ ଓ ପଞ୍ଚାୟତ ହାଇସ୍କୁଲ ଅଣ୍ଡିଆ ପରୀକ୍ଷା କେନ୍ଦ୍ରରେ ୭ଜଣ ଅନୁପସ୍ଥିତ ଥିଲେ। ନୋଡାଲ ସେଣ୍ଟର ଧର୍ମଶାଳା ବାଣୀପୀଠ, ନୀଳସୁନ୍ଦର ହାଇସ୍କୁଲ, ପଞ୍ଚାୟତ ନୋଡାଲ ହାଇସ୍କୁଲ ନରସିଂହପୁର, ବାଘୁଆ ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ଜଣେ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ସେହିପରି ଲାଲବାହାଦୁର ହାଇସ୍କୁଲ କାଏମା, ଜାରକା ହାଇସ୍କୁଲ , ମଧୁପୁରଗଡ଼ ଆରୁହା ହାଇସ୍କୁଲରେ ୨ ଜଣ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲରେ ୪ଜଣ ଅନୁପସ୍ଥିତ ଥିବା ପରୀକ୍ଷା ହଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରୁ ସୂଚନା ମିଳିଛି। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ବିଡିଓ ସ୍ମିତା ରଥ ଓ ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ କେତେକ ପରୀକ୍ଷା କେନ୍ଦ୍ରକୁ ଯାଇ ତଦାରଖ କରିଥିବା ଜଣାଯାଇଛି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ





ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ମଞ୍ଚାସୀନ ଅତିଥି।

ବିଞ୍ଝାରପୁର,୧୯।୨(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଧର୍ମେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟ ଅତିଥିରୁପେ ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ଅତିଥିରୂପେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବିଡିଓ ମିନତୀ ଜଗଦେବ, ତହସିଲଦାର ଅସ୍ମିତା ଦାସ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ବରୁଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷ କୀର୍ତ୍ତନ ବିହାରୀ ସାମଲ, ଅଧାପକ ବଟକୃଷ୍ଣ ମହସପାତ୍ର ପ୍ରମୁଖ ଯୋଗଦେଇ ସରକାର ସମସ୍ତ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇଦେବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୪୧ଜଣ ଭିନ୍ନକ୍ଷମ ନିଜ ନାମ ପଞ୍ଜିକୃତ କରିଥିଲେ। ଏହି ଶିବିର ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ସରକାରୀ ନିୟମ ମୁତାବକ ସହାୟତା ପ୍ରଦାନ କରାଯାଇଛି ବୋଲି ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ସହକାରୀ ଯନ୍ତ୍ରୀ ରଞ୍ଜନ ସାମଲ, ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସତ୍ୟ ମିଶ୍ର, ଯୋଗାଣ ଅଧିକାରିଣୀ ସୌଭାଗିନୀ ରାୟ, ବରିଷ୍ଠ କିରାଣୀ ନାରାୟଣ ମହାନ୍ତି, କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ଦାଶ, ସମାଜସେବୀ ରବୀନ୍ଦ୍ର କୁମାର ପରିଡା କରିଥିଲେ। ରାସବିହାରୀ ଜେନାଙ୍କ ସମେତ ବ୍ଲକର ବହୁ କର୍ମଚାରୀ ପରିଚାଳନା କରିଥିବାବେଳେ ବ୍ଲକର ଅନ୍ୟ ସମସ୍ତ କର୍ମଚାରୀ ଓ ବରୁଣେଶ୍ୱର ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଅସହାୟ ବୃଦ୍ଧଙ୍କୁ ସହାୟତାର ହାତ ବଢ଼ାଇଲା ବରିଷ୍ଠ ନାଗରିକ ମଞ୍ଚ

**ରସୁଲପୁର,୧୯।୨(ଡି.ଏନ୍.ଏ.):** ସ୍ତ୍ରୀ ଚାଲିଗଲା ଆରପାରିକୁ। ବୟସ ବୋଝ ସାଜିଲା। ପୁଅ ସାଜିଲା ବଇରୀ। ବୁଢା ବାପାଙ୍କ ସେବା କରିବା ବଦଳରେ ନିଶାକୁ ସାଥୀ କରି ଦୁର୍ବ୍ୟବହାର କରିବାକୁ ଶ୍ରେୟ ମଣିଲା। ପୁଅର ବ୍ୟବହାରରେ ଅତିଷ୍ଠ ହୋଇ ବୋହୂ ବି ଘର ଛାଡ଼ି ଚାଲିଗଲା। ଏବେ ବୃଦ୍ଧଙ୍କୁ ଦେଖାଶୁଣା କରିବାକୁ କେହି ନାହିଁ। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି ବୃଦ୍ଧ ନବ କିଶୋର ରାମ(୮୪)। ନବଙ୍କ ଘର ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମରେ। ସେ ଘରେ ଅତ୍ୟନ୍ତ ଦୁଃଖକଷ୍ଟରେ ରହୁଥିବା ଖବର ଜାଣି ବୁଧବାର ତାଙ୍କ ନିକଟରେ ପହଞ୍ଚି ଥିଲା ମଧୁବନ ଅଞ୍ଚଳର ମା’ ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚ। ପୋଲିସ ମଧ ଏ ସମ୍ପର୍କରେ ଖବର ପାଇ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ମଧ ପହଞ୍ଚି ଥିଲେ ଅସହାୟ ନବଙ୍କ ନିକଟରେ। ମଞ୍ଚର ସଭାପତି କୃଷଚନ୍ଦ୍ର ସାହୁ, ସମ୍ପାଦକ ନଟବର ସେଠୀ, ଦଶରଥ ସାହୁ, ଚୈତନ୍ୟ ସେଠୀ, ମୁରଲୀଧର ମିଶ୍ର, ରଘୁନାଥ ପତି, ବାବୁଲି ରାମ, ଆନନ୍ଦ ସାହୁ ପ୍ରମୁଖ ପହଞ୍ଚି ବୃଦ୍ଧ ନିବ କିଶୋରଙ୍କୁ ବସ୍ତ୍ର ଦାନ କରିଥିଲେ। ଥାନା ଅଧିକାରୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅସହାୟଙ୍କ ଅସୁବିଧା ହେଲେ ସେ ଥାନାକୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

## ମୋବାଇଲ ଟାୱାରରୁ ଚୋରି, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,୧୯।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଂଚାୟତ ବିଲିପଡା ଗ୍ରାମ ନିକଟରେ ଥିବା ଏକ ମୋବାଇଲ ଟାୱାରରୁ ସୋମବାର ବିଳମ୍ବିତ ରାତିରେ ୮ଟି ବିଟିଏସ କାର୍ଡ ଚୋରି ହୋଇଯାଇଥିଲା। ଉକ୍ତ ଚୋରିରେ ସମ୍ପୃକ୍ତ ୨ଜଣ ଚୋରକୁ ପୋଲିସ କାବୁ କରି କୋର୍ଟଚାଲାଣ କରିବା ସହ ତାଙ୍କ ନିକଟରୁ ଗୋଟିଏ ସୁଇଫ୍ଟ ଡିଜାଏର କାର ନଂ. ଓଡି୦୨-ଏଇ-୧୫୦୮ ଓ ଚୋରି ହୋଇଥିବା ୮ଟି କାର୍ଡକୁ ଜବତ କରିବାକୁ ସକ୍ଷମ ହୋଇଛି। ଏ ନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ଅଞ୍ଚଳର ଜି. ନରେଶ(୩୫) ଓ ତାଙ୍କ ସାଥୀ ନୟାଗଡ଼ ଜିଲା ରଣପୁର ଥାନା ଅଧୀନସ୍ଥ ଗୋପାଳପୁର ଗ୍ରାମର ବାପୁ ଓରଫ ଗୌର କିଶୋର(୩୨) ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳରେ କିଛିଦିନ ହେବ ରହିଆସୁଛନ୍ତି। ତାଙ୍କର ଏକ ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ଚୋରି, ଲୁଟ୍ କରିବାର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ଅଭିଯାନ ଆରମ୍ଭ କରିଥିଲେ। ସେହି ମୁତାବକ ସେମାନେ ରାଜପଥ ପାର୍ଶ୍ୱରେ ଥିବା ଟାୱାରକୁ ଟାର୍ଗେଟ କରିଥିଲେ। ଘଟଣା ରାତିରେ ଚୋରମାନେ କାର୍ଡଗୁଡ଼ିକୁ ଟାୱରରୁ ଚୋରି କରିନେଇଥିବା ସୂଚନା ପାଇ କ୍ଲଷ୍ଟର ଇଞ୍ଜିନିୟର ମାନସ ମହାପାତ୍ର କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଅଭିଯୋଗକୁ ନେଇ ଥାନାରେ କେସ୍ ନଂ-୫୭/୨୦ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଚଣ୍ଡିଖୋଲ ଫାଣ୍ଡି ଅଞ୍ଚଳରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା।

## ନ୍ୟାୟ ପାଇଁ ବିନା ପାରିଶ୍ରମିକରେ ଲଢ଼ିବେ ଆଇନଜୀବୀ

- କୃପାଳୁ ରାଇସ୍ ମିଲ୍‌ରେ କାମ କରୁଥିବା ବେଳେ ନାବାଳକଙ୍କ ହାତ କଟିବା ଘଟଣା
- ଏ ଯାଏ ମିଳିନାହିଁ କ୍ଷତିପୂରଣ ବାବଦ ଟଙ୍କା

କଳିଙ୍ଗନଗର, ୧୯।୨ (ଡି.ଏନ୍.ଏ)

ପାଣିକୋଇଲିସ୍ଥିତ କୃପାଳୁ ରାଇସ ମିଲ୍ କାମ କରୁଥିବା ବେଳେ ଶଙ୍ଖଚିଲା ମଠପାଟଣା ଗ୍ରାମର ନାବାଳକ ଚନ୍ଦନ କୁମାର ସାହୁଙ୍କ ହାତ କଟିବା ଘଟଣାକୁ ଆଉ ଦିନ କେଇଟା ପରେ ବର୍ଷେ ପୂରିବ। ହେଲେ ଏ ପର୍ଯ୍ୟନ୍ତ ରାଇସ୍ ମିଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ନାବାଳକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। କ୍ଷତିପୂରଣ ପାଇଁ ଚନ୍ଦନଙ୍କ ମା’ପୂର୍ଣ୍ଣିମା ସାହୁ ରାଇସ୍ ମିଲ୍ ମାଲିକ ଅନିରୁଦ୍ଧ ଦାସଙ୍କ ବିରୋଧରେ ଯାଜପୁର ରୋଡ୍ ଜେଏମ୍‌ଏଫ୍‌ସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅନିରୁଦ୍ଧଙ୍କ ବିରୋଧରେ ହୋଇଥିବା ମାମଲାକୁ ବରିଷ୍ଠ ଅଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ଓ ରବୀନ୍ଦ୍ର ନାୟକ ଲଢୁଥିବା ବେଳେ ଚନ୍ଦନ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ସେମାନେ ବିନା ପାରିଶ୍ରମିକରେ କେସ୍ ଲଢ଼ିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଯାଜପୁର ରୋଡ୍‌ସ୍ଥିତ ଏକ ଘରୋଇ ହୋଟେଲରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ଦୁଇ ଆଇନଜୀବୀ ଉପସ୍ଥିତ ରହି ଉପରୋକ୍ତ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଆଇନଜୀବୀଙ୍କ ସହ ଚନ୍ଦନ ଓ ତାଙ୍କ ମା’ ପୂର୍ଣ୍ଣିମା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ୨।୪।୨୦୧୯ରେ କୃପାଳୁ ରାଇସ୍ ମିଲ୍‌ର ବ୍ରୟଲର ମେଶିନରୁ ଗରମ ପାଉଁଶ ବାହାର କରୁଥିବା ବେଳେ ବେଲ୍‌ଟରେ ଲାଗି ଚନ୍ଦନଙ୍କ ଡାହାଣ ହାତ କଟିଯାଇଥିଲା। ଦୀର୍ଘ ୧ ମାସ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେବା ପରେ ଚନ୍ଦନ ଘରକୁ ଫେରିଥିଲେ। ଚନ୍ଦନ ଘରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ଏହି ଦୁର୍ଘଟଣା ପରେ ତାଙ୍କ ଘର ଚଳିବା କଷ୍ଟକର ହୋଇପଡ଼ିଥିଲା। ତେଣୁ ଉକ୍ତ ରାଇସ୍ ମିଲ୍‌ରେ ତାଙ୍କ ମା’ଙ୍କୁ କୌଣସି କାର୍ଯ୍ୟରେ ନିଯୁକ୍ତ କରିବାକୁ ଚନ୍ଦନ ରାଇସ୍ ମିଲ୍ ମାଲିକଙ୍କୁ କହିଥିଲେ। ହେଲେ ସେ ଏଥିରେ ରାଜି ନ ହେବା ସହ ୧ଲକ୍ଷ ଟଙ୍କା ନେଇ ଚୁପ୍ ରହିବାକୁ କହିଥିଲେ। ତେବେ ଏହାପରେ ଚନ୍ଦନ ଓ ତାଙ୍କ ମା’ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ଣ୍ଣିମାଙ୍କ ଆବେଦନକୁ କୋର୍ଟ ଗ୍ରହଣ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ପାଇଁ ପାଣିକୋଇଲି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଥାଉ କି, ଚନ୍ଦନଙ୍କ ବାପାଙ୍କର ମାନସିକ ବିକୃତି ଥିବା ବେଳେ ଚନ୍ଦନ ଯାହା ରୋଜଗାର କରୁଥିଲେ, ସେଥିରେ ତାଙ୍କ ପରିବାର ଚଳୁଥିଲା। ହେଲେ ଚନ୍ଦନଙ୍କର ଗୋଟିଏ ହାତ କଟିଯିବା ପରେ ତାଙ୍କ ପରିବାର ସଦସ୍ୟ ନାନା ଅସୁବିଧା ଭୋଗୁଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇନଜୀବୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ,୨୦୨୦



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସିଏ ହିଁ ସବୁଠାରୁ ଶକ୍ତିଶାଳୀ।

- ସେନେକା



## ସଂକ୍ଷେପରେ

### ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରଚାର ପ୍ରସାର ଅଭାବ: ଯୋଗଦେଲେ କମ୍ ସଂଖ୍ୟକ ପ୍ରାର୍ଥୀ

କୋରେଇ, ୧୯।୨ (ସ୍ୱ.ପ୍ର) ପାଣିକୋଇଲି ସ୍ଥିତ ମା’ତାରିଣୀ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ମେଳାକୁ ପିଡି ଇନ୍ଦ୍ରମଣି ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଏମ୍ପ୍ଲୟମେଣ୍ଟ ଅଧିକାରୀ ଶଙ୍କର ଚରଣ ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, କଲେଜ ଅଧକ୍ଷ ରମେଶ ଚନ୍ଦ୍ର ଦଳାଇ, ଡିପିଏମ୍ ବନୋଜକାନ୍ତି ମାହିର, ଡିସିଏଲ ସ୍କିଲ ବିକାଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ମେଳାରେ ମୋଟ ୨୩ଟି ସଂସ୍ଥା ଭାଗ ନେଇଥିଲେ। ଏଥିରେ ମୋଟ ୮୭୫ଜଣ ନିଯୁକ୍ତି ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ୫୦୦ଜଣଙ୍କୁ ଦକ୍ଷତା ବିକାଶ ତାଲିମ ନେବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ତେବେ ପ୍ରଚାର ପ୍ରସାର ଅଭାବରୁ ଜିଲାସ୍ତରୀୟ ନିଯୁକ୍ତି ମେଳାରେ କମ୍ ସଂଖ୍ୟକ ପ୍ରାର୍ଥୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ବେଳେ ମେଳାକୁ କେହି ଆସି ନ ଥିବାରୁ ଚେୟାରଗୁଡ଼ିକ ଫାଙ୍କା ପଡ଼ିଥିଲା। ଅନ୍ୟପଟେ ମେଳାରେ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ସେହିପରି କଳିଙ୍ଗନଗରକୁ ଇସ୍ପାତ ହବ କୁହାଯାଉଥିବା ବେଳେ କୌଣସି ଶିଳ୍ପ ସଂସ୍ଥା ଏହି ମେଳାକୁ ନଆସି ସମସ୍ତଙ୍କୁ ହତୋତ୍ସାହିତ କରିଥିଲା। କୋରେଇ ବ୍ଲକ ପ୍ରଶାସନ ଓ ମା’ତାରିଣୀ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଧାପିକା, ଅଧାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚୋରାମଦ ଜବତ: ବ୍ୟବସାୟୀ କୋର୍ଟ ଚାଲାଣ

କୋରେଇ, ୧୯।୨ (ସ୍ୱ.ପ୍ର.): କୋରେଇ ବ୍ଲକ ଜହ୍ନା ପଞ୍ଚାୟତର ନରପଦା ଗ୍ରାମରେ ଚୋରା ମଦ ବ୍ୟବସାୟ କରୁଥିବା ପବନା ମଲିକଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ତାଙ୍କ ନିକଟରୁ ପୋଲିସ ୨୧ ବୋତଲ ଦେଶୀ ମଦ ଜବତ କରିଛି। ପବନା ଦୀର୍ଘଦିନ ଧରି ମଦ ବ୍ୟବସାୟ କରୁଥିବା ନେଇ କୌଣସି ସୂତ୍ରରୁ ଖବରପାଇ ଶଙ୍କଚିଲା ଫାଣ୍ଡି ଅଧିକାରୀ ଅଭୟ କୁମାର ନାୟକ ସଦଳବଳ ଚଢ଼ାଉ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ମଦ ଜବତ କରିବା ପରେ ପବନାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବଟେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ସିଂହପୁର,୧୯।୨(ଡି.ଏନ୍.ଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ବାହାରପାଳଠାରେ ବାବା ବଟେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ବେଶ୍ ଧୁମଧାମରେ ଅନୁଷ୍ଠିତ ହୋଇଛି। ବାହାରପାଳ ଗ୍ରାମାବାସୀ ଓ ବିଭିନ୍ନ ଶ୍ରଦ୍ଧାଳୁଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସମଗ୍ର ଅଞ୍ଚଳରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ବାବା ବଟେଶ୍ୱରଙ୍କ ଲିଙ୍ଗକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବା ବଟେଶ୍ୱରଙ୍କ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଛୁଟିଆସିଥିଲେ।

# ମାଟି ତଳୁ ମୃତଦେହ ଉଦ୍ଧାରକଲା ସାଇଣ୍ଟିଫିକ ଦଳ

## ଇଞ୍ଜେକ୍ସନ ପାଇଁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**ଯାଜପୁର ଅଫିସ,୧୯।୨**

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ଗ୍ରାମରେ ଭୁଲ ଇଞ୍ଜେକ୍ସନ ପାଇଁ ଜଣେ ୧୦ମାସ ଶିଶୁପୁତ୍ରର ମୃତ୍ୟୁ ହୋଇଛି । ଏନେଇ ସୋମବାର ମୃତକ ଶିଶୁ ପୁତ୍ରର ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହେବାପରେ ବୁଧବାର ମୃତହେଦ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ନିମନ୍ତେ କେନ୍ଦ୍ରାପଡ଼ାରୁ ସାଇଣ୍ଟିଫିକ ଦଳ ସହ ସୁକିନ୍ଦା ତହସିଲଦାର ବୁଲବୁଲ ବେହେରା, ସୁକିନ୍ଦା ଥାନା ଏସ୍ଆଇ ଇନାମୁଲ ହକ୍, ଏଏସ୍ଆଇ ଶୈଳେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବୁଧବାର ପୂର୍ବାହ୍ନ ୧୧ଟାରେ ଶିଶୁକୁ ପୋତାଯାଇଥିବା ସ୍ଥାନରେ ପହଞ୍ଚିଥିଲେ। ଶିଶୁର ବାପା ମାଗୁଣି ପଲେଇ ସେମାନଙ୍କୁ ସହଯୋଗ କରିବା ନିମନ୍ତେ ଅନ୍ୟ ପରିବାର ସଦସ୍ୟଙ୍କ ସହିତ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ତେବେ କିଛି ସମୟପରେ କୌଣସି କାରଣରୁ ହଠାତ୍ ସମସ୍ତ ପରିବାର ସଦସ୍ୟ ସେଠାରୁ ପଳାଇଯାଇଥିଲେ। ପୋଲିସ ପକ୍ଷରୁ ବାରମ୍ବାର ଡକାଯାଇଥିଲେ ମଧ ସେମାନେ କେହି ଆସି ନ ଥିଲେ। ବାଧ ହୋଇ ସଫେଇ କର୍ମଚାରୀଙ୍କୁ ଡକାଇ ମାଟିତଳୁ ମୃତଦେହ କଢାଯାଇଥିଲା। ପରେ ବ୍ୟବଚ୍ଛେଦ ନିମନ୍ତେ ସମ୍ପୃକ୍ତ ପରିବାର ସଦସ୍ୟମାନେ ଯାଇଥିଲେ। ବ୍ୟବଚ୍ଛେଦ ତଥ୍ୟ ଏବଂ ଫୋରେନ୍‌ସିକ ଦଳର ରିପୋର୍ଟ ଆଧାରରେ ଅଧିକ ତଦନ୍ତ କରାଯାଇ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଅନୁସନ୍ଧାନକାରୀ ଅଧିକାରୀ ଇନାମୁଲ ହକ୍ କହିଛନ୍ତି।



ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ମାଟିତଳୁ ଶିଶୁର ମୃତଦେହ ଉଦ୍ଧାର କରୁଛନ୍ତି ।

ପ୍ରକାଶ ଯେ, ଏହି ଶିଶୁଟିର ମୃତ୍ୟୁ ଗତ ୧୩ ତାରିଖରେ ହୋଇଥିବାବେଳେ ୧୭ ତାରିଖ ରାତି ୧୦ଟା ସମୟରେ ଥାନାରେ ଏତଲା ହୋଇଥିଲା। ଅଭିଯୋଗ ଅନୁଯାୟୀ ଓଳିଆ ଗ୍ରାମର ବାସିନ୍ଦା ମାଗୁଣି ପଲେଇ ଏବଂ ତାଙ୍କ ପତ୍ନୀ ଜୟନ୍ତୀ ପଲେଇଙ୍କ ୧୦ ମାସର ଶିଶୁ ପୁତ୍ରକୁ ଗତ ୧୨ତାରିଖରେ ସ୍ଥାନୀୟ ଆଶା କର୍ମୀ ଟିକାକରଣ କରାଇଥିଲେ। ଏହାର ୩ ଘଣ୍ଟା ପରେ ଶିଶୁର ଦେହ ଖରାପ ହେବା ସହ ପ୍ରବଳ ମାତ୍ରାରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଆବଶ୍ୟକ ଚିକିତ୍ସା କରାଯାଇଥିଲେ ମଧ ୧୩ତାରିଖ ରାତି ୩ଟା ସମୟରେ ଶିଶୁର ମୃତ୍ୟୁ ହୋଇଥିଲା । ଶିଶୁର ମୃତ୍ୟୁ ପରେ ପରିବାର ଲୋକେ ମାନସିକ ଭାବରେ ଭାଙ୍ଗି ପଡିଥିବାବେଳେ ଇଞ୍ଜେକ୍ସନ ପାଇଁ ମୃତ୍ୟବରଣ କରିଥିବା ଜାଣିଥିଲେ ମଧ୍ୟ କୌଣସି ପ୍ରମାଣ ନ ଥିବାରୁ ପରିବାର ଲୋକ ଥାନାରେ ଏତଲା ଦେଇ ପାରି ନ ଥିଲେ। ଅନ୍ୟପକ୍ଷରେ ଟୀକାକରଣ କାର୍ଡକୁ କେନ୍ଦ୍ରରେ ଛାଡ଼ିଦେଇ ଆସିଥିବାରୁ କେଉଁ ଟିକା ପ୍ରଦାନ କରାଯାଇଥିଲା ତାହା ଜାଣିପାରି ନ ଥିଲେ। ସୋମବାର ଉକ୍ତ କାର୍ଡଟିକୁ ଆଣିବା ପରେ ସେଥିରେ ଟୀକାକରଣର କୌଣସି ତଥ୍ୟ ନ ଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ଏହାକୁ ନେଇ ସେମାନେ ସମ୍ପୃକ୍ତ ଆଶାକର୍ମୀଙ୍କୁ ପଚାରିବାରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସନ୍ଦେହ ଦୃଢୀଭୁତ ହୋଇଥିଲା ବୋଲି ଶିଶୁର ବାପା ମାଗୁଣୀ କହିଛନ୍ତି। ଅନ୍ୟପକ୍ଷ ଟୀକାକରଣରେ ଏଭଳି ହେବାର ସମ୍ଭାବନା ନାହିଁ ବୋଲି ଆଶାକର୍ମୀ କହିଛନ୍ତି। ତେବେ ତଦନ୍ତ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଜୟଦେବ ନନ୍ଦ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ବିଜୁ ଯୁବବାହିନୀ

## ଆର୍ଥିକ ଅନୁଦାନ ରାଶି ବଢାଇବାକୁ ଅନୁରୋଧ

**ରସୁଲପୁର,୧୯।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତର ଯୁବବାହିନୀ ପକ୍ଷରୁ ବୁଧବାର ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏ ପତ୍ର ଲେଖାଯାଇଛି। ଯୁବ ବାହିନୀଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ସରକାର ବଜେଟରେ ଅଧିକ ବ୍ୟୟବରାଦ କରିବା ପାଇଁ ଉକ୍ତ ଚିଠି ଜରିଆରେ ନିବେଦନ କରାଯାଇଛି । ରାଜ୍ୟ ସରକାର ଯୁବ ସମ୍ବଳକୁ ସଠିକ୍ ମାର୍ଗରେ ନିୟୋଜିତ କରିବା ପାଇଁ ବିଜୁ ଯୁବ ବାହିନୀ ଗଠନ କରିଥିଲେ । ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ, ମେଳା ମହୋତ୍ସବ, ସରକାରୀ ଯୋଜନାକୁ ନେଇ ହିତାଧିକାରୀ ଚିହ୍ନଟ କରିବା, ସଚେତନତା ମେଳା, ଯୋଜନାକୁ ତୃଣମୂଳ ସ୍ତରରେ ନିୟୋଜନ କରିବା ଆଦି ଦିଗରେ ଯୁବ ବାହିନୀର ସଦସ୍ୟଗଣ ସେମାନଙ୍କ ସହଯୋଗ କରିଆସୁଛନ୍ତି। ସରକାରଙ୍କ ଉଦ୍ଦେଶ୍ୟ ପୂରଣ କରିବାରେ ଯୁବକମାନେ ସର୍ବଦା ସେମାନଙ୍କ କାମ ନିଷ୍ଠାର ସହ କରିଆସୁଛନ୍ତି । ମାତ୍ର ସରକାର ଯୁବକମାନଙ୍କ ସମସ୍ୟାକୁ ବୁଝିବା ସହ ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ଦିଗରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୁବ ବାହିନୀ ପାଇଁ ଆର୍ଥିକ ଅନୁଦାନ ବଢାଇବା ପାଇଁ ଦାବି କରାଯାଇଛି। ଏନେଇ ବଜେଟ୍‌ରେ ବ୍ୟୟବରାଦ କରିବାକୁ ଲିଖିତ ଅନୁରୋଧ କରାଯାଇଛି। ଏହି ଅଭିଯାନରେ ଏହି ବ୍ଲକର ସମସ୍ତ ୨୮ଗୋଟି ପଞ୍ଚାୟତ ସାମିଲ ହୋଇଛନ୍ତି। ଏହିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠିକଣାରେ ପଠାଯାଇଛି ବୋଲି ଯୁବବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡା ଯୁବ ବାହିନୀର ନେତୃବୃନ୍ଦ ଏଦିଗରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ପାଇଁ ସୁଯୋଗ ଦେବାକୁ ମଧ ଅନୁରୋଧ କରାଯାଇଥିବା କୁହାଯାଇଛି।

# ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର

ଯାଜପୁର ଟାଉନ୍, ୧୯।୨ (ଡି.ଏନ୍.ଏ.)

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ବର୍ଜ୍ୟବସ୍ତୁ ପରିଚାଳନା ନିମିତ୍ତ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅଧକ୍ଷତା କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଏକ ବିରାଟ ସମସ୍ୟା। ହେଲେ ବ୍ୟାପକ ସଚେତନତା ଓ ପାରସ୍ପରିକ ସହଯୋଗରେ ଏହାର ସମାଧାନ କରାଯାଇପାରିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ନାୟକ କହିଥିଲେ। ଏହି ଅବସରରେ ଯାଜପୁର ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ପୌରାଞ୍ଚଳର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେ କହିଥିଲେ, ଯାଜପୁର ବ୍ଲକର ସୁଜନପୁର ଓ ମାର୍କଣ୍ଡପୁର ଏବଂ ଧର୍ମଶାଳା ବ୍ଲକର ସୁନ୍ଦରିଆ ପଞ୍ଚାୟତକୁ ସତନ୍ତ୍ର ଭାବେ ଚିହ୍ନଟ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟରେ ପୌରାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସାମିଲ କରାଯାଇଥିବା ବେଳେ ଗ୍ରାମାଞ୍ଚଳରେ ମଧ ଏସ୍ଏଚ୍‌ଜି ମହିଳାଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାରେ ନିୟୋଜିତ କରାଯିବ। ଲୋକମାନଙ୍କର ବ୍ୟବହାରଗତ ପରିବର୍ତ୍ତନ ଏହି ପ୍ରକଳ୍ପକୁ ସଫଳ କରିବା ସହିତ ଏକ ସୁସ୍ଥ ପରିବେଶ ଗଢ଼ିବାରେ ସହାୟକ ହୋଇପାରିବ ବୋଲି କାର୍ଯ୍ୟ ପରାମର୍ଶଦାତା ଯୋଗେନ୍ଦ୍ର ସିଂ ମତ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ୧୫୩ ଓ ଯାଜପୁର ଜିଲାର ତିନୋଟି ପଞ୍ଚାୟତକୁ ନିଆଯାଇଥିଲେ ମଧ୍ୟ ଜିଲାର ମୋଟ ୩୧୧ ପଞ୍ଚାୟତରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ଅନ୍ୟତମ ପରାମର୍ଶଦାତା ପ୍ରତ୍ୟୁଷ ଚୌଧୁରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧରେ ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ପରିମଳ ପରାମର୍ଶଦାତା ଦିଲୀପ ମଣ୍ଡଳ, ମାନସ ରଞ୍ଜନ ସାହାଣୀ, ମାଷ୍ଟର ଟ୍ରେନର ଦୋଳଗୋବିନ୍ଦ ଦାସ, ଏପିଡି ମଧୁମିତା ପୃଷ୍ଟି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଚିନ୍ମୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




ମଧୁବନ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା କୌଶଳ ଶିବିର ।

**ରସୁଲପୁର,୧୯।୨(ଡି.ଏନ୍.ଏ.)**

ଭାରତୀୟ ନାରୀ ଅବଳା, ଦୁର୍ବଳା, ନିର୍ଭରଶୀଳା ନୁହେଁ। ଏହି ମାଟିରେ ଜନ୍ମିତ ଝିଅ ଚନ୍ଦ୍ରପୃଷ୍ଠରେ ପାଦ ଥାପିଲାଣି। ଏଭେରେଷ୍ଟ ଚଢ଼ିବାକୁ ସକ୍ଷମ ହେବାସହ ମିଜାଇଲ୍ ନିର୍ମାଣରେ ପ୍ରମୁଖ ଅବଦାନ ରଖିଆସୁଛି। ତଥାପି ସମାଜରେ ନାରୀ ଉପରେ ଅତ୍ୟାଚାର ବଢିବାରେ ଲାଗିଛି। ଏବେ ସମୟ ଆସି ପହଁଚିଛି, ନାରୀ ନିଜକୁ ପ୍ରମାଣିତ କରିବାର ସମୟ ଉପନୀତ ହୋଇଛି। ଏହି ପ୍ରୟାସକୁ ସଫଳ କରିବା ପାଇଁ ସରକାରଙ୍କ ପକ୍ଷରୁ ବାଳିକାମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରୟାସକୁ ସଫଳରୂପାୟନ କରିବାରେ ବାଳିକାମାନଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିରରେ ମତ ପ୍ରକାଶ ପାଇଛି । କଲେଜର ଅଧକ୍ଷା ଲଳିତା କୁମାରୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିରଜା ବାଳିକା ମହାବିଦ୍ୟାଳୟର ଅଧକ୍ଷ ଅଖିଳ ରଞ୍ଜନ ପାଢୀ, ସମ୍ମାନିତ ଅତିଥି ଭାବରେ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଅଧାପକ ମାଧବ ଚରଣ ବସନ୍ତିଆ, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ବାଳିକାମାନେ ପ୍ରଶିକ୍ଷଣ ଶିବିରରୁ ମିଳିଥିବା ତାଲିମ୍‌କୁ ଭବିଷ୍ୟତ ଜୀବନରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ସହଯୋଗ କରିଥିଲେ।

# ଜିଲାରେ ପରୀକ୍ଷା ଦେଲେ ୨୬,୦୨୮ ଛାତ୍ରୀଛାତ୍ର, ୫୦୨ ଅନୁପସ୍ଥିତ

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

**ଯାଜପୁର ଟାଉନ୍, ୧୯।୨ (ଡି.ଏନ୍.ଏ.)**

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବୁଧବାର ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଯାଜପୁର ଜିଲାରେ ମୋଟ ୧୪୫ କେନ୍ଦ୍ରରେ ପରୀକ୍ଷା ଚାଲିଥିବା ବେଳେ ପ୍ରଥମ ଦିନରେ ୨୬,୦୨୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ତେବେ ୫୦୨ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ଯାଜପୁର ଜିଲା ଯାଜପୁର ବ୍ଲକ ଅଧୀନରେ ଥିବା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୩୪ ଜଣ ଅନୁପସ୍ଥିତ ଥିବା ବେଳେ ଦଶରଥପୁର ବ୍ଲକରେ ୬୫, ବଡଚଣା ବ୍ଲକରେ ୬୪, ବରୀ ବ୍ଲକରେ ୫୪, ବିଞ୍ଝାରପୁର ବ୍ଲକରେ ୭୪, ଦାନଗଦି ବ୍ଲକରେ ୮୦, କୋରାଇ ବ୍ଲକରେ ୩୮, ରସୁଲପୁର ବ୍ଲକରେ ୪୭ ଓ ଧର୍ମଶାଳା ବ୍ଲକରେ ୪୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପରିକ୍ଷା ସୁପରିଚାଳନା ପାଇଁ ଜିଲାସ୍ତରରେ ୩ଟି ସ୍କ୍ୱାଡ ଗଠନ କରାଯାଇଥିବା ବେଳେ ସବୁ ପରୀକ୍ଷା କେନ୍ଦ୍ର ପାଇଁ ପର୍ଯ୍ୟବେକ୍ଷକ ଓ ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଏଥିସହ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା ଆରମ୍ଭରେ ଭାରପ୍ରାପ୍ତ ଜିଲପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ପ୍ରଶାସିନକ ଅଧିକାରୀ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

### ପୂର୍ବତନ ଏମ୍‌ପିଙ୍କ ମାତୃ ବିୟୋଗ

କୋରେଇ, ୧୯।୨ (ସ୍ୱ.ପ୍ର.)

କୋରେଇ ବ୍ଲକ ଉଧନେଶ୍ୱର ପଞ୍ଚାୟତସ୍ଥିତ ବେଗନା ଗ୍ରାମର ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ମା’ ଇନ୍ଦୁମତୀ ଖୁଣ୍ଟିଆ(୯୪)ଙ୍କର ବୁଧବାର ଅପରାହ୍ନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ବେଗନା ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଖବରପାଇ କୋରେଇ ମଣ୍ଡଳ ସାହିତ୍ୟ ସଂସଦ ସଭାପତି ନନ୍ଦକିଶୋର ସିଂହ, ଉପସଭାପତି ପ୍ରାଧାପକ ଶିବଚରଣ ମାଝି, କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ, ସହସମ୍ପାଦକ ଅଧାପକ ମଳୟ କୁମାର ମଲ୍ଲିକ, ଅକ୍ଷୟ କୁମାର ବାରିକ, କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ.ମୋହନଚରଣ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଭାଜପା ନେତା ବିଶ୍ୱଜିତ ନାୟକ, ବ୍ୟାସନଗର ପ୍ରାକ୍ତନ ପୌରଧକ୍ଷା ବନ୍ଦିତା ପରିଡ଼ା, ରସାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ପ୍ରମୋଦ କୁମାର ପରିଡା, କୋରେଇ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ଜିଲାପରିଷଦ ସଭ୍ୟା ମାତାଜୀ ଆଏଚ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଇଂ. ଆଲେକଜାଣ୍ଡାର ଦାସ, କୋରେଇ ପ୍ରେସ୍ କ୍ଲବ ସଭାପତି ସୁବାସ ଧଳପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**ଯାଜପୁର ଟାଉନ୍, ୧୯।୨ (ଡି.ଏନ୍.ଏ.)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍ ଯାଜପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ବୁଧବାର ବିଭିନ୍ନ ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ୫ ପ୍ରତିଶତ ମହଙ୍ଗା ଭତ୍ତା ଜୁଲାଇ ୨୦୧୯ ରୁ ପ୍ରଦାନ କରିବା, ଗଚ୍ଛିତ ବକେୟା ୬୦ ପ୍ରତିଶତ ପ୍ରଦାନ କରିବା, ନୂତନ ହାରରେ ଘରଭଡ଼ା ଘୋଷଣା, ମୃତ କର୍ମଚାରୀଙ୍କ ପତ୍ନୀ ଓ ପିଲାମାନଙ୍କୁ ଯୋଗ୍ୟତା ଅନୁସାରେ ଥଇଥାନ, ନୂତନ ପେନସନ ଯୋଜନାକୁ ବାତିଲ କରି ପୂର୍ବ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା, ଶିକ୍ଷକଙ୍କ ପଦୋନ୍ନତି ଓ ଅସ୍ଥାୟୀ ଶିକ୍ଷକଙ୍କୁ ସ୍ଥାୟୀ କରିବା ଆଦି ଦାବିରେ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ବିଜୟ କୁମାର ନାୟକ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାମଲଙ୍କ ନେତୃତ୍ୱରେ ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସଂଘ କର୍ମକର୍ତ୍ତା ଅରୁଣ ନାୟକ, ଅଜୟ କୁମାର ଲେଙ୍କା, ରମେଶ କୁମାର ରାଉତ, ମଞ୍ଜୁଲତା ଦାସ, ନୃସିଂହ ଚରଣ ମିଶ୍ର, ସେକ୍ ସମସୁଦ୍ଦିନ୍, ସନ୍ତୋଷ କୁମାର ସାହୁ, ଶରତ ଚନ୍ଦ୍ର ବାରିକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ‘କଳୁଷିତ ସମାଜର ପ୍ରକୃତ ଡାକ୍ତର ସାମ୍ବାଦିକ’

## ବଡ଼ଚଣା ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

**ଚଣ୍ଡିଖୋଲ,୧୯।୨(ଡି.ଏନ୍.ଏ.):** ବଡ଼ଚଣା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସାମ୍ବାଦିକ ପ୍ରମୋଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବୈରୀ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ଦିପକ କୁମାର ଗୋଚ୍ଛାୟତ ଯୋଗଦେଇ କଳୁଷିତ ସମାଜର ପ୍ରକୃତ ଡାକ୍ତର ହେଉଛନ୍ତି ସାମ୍ବାଦିକ। ସମାଜର ଚତୁର୍ଥସ୍ତମ୍ଭ କୁହାଯାଉଥିବା ସାମ୍ବାଦିକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଜୟ କୁମାର ଲେଙ୍କା ଯୋଗଦେଇ ସାମ୍ବାଦିକଙ୍କ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଚଣ୍ଡିଖୋଲ ବନପାଳ ଶଶୀଭୂଷଣ ବେହେରା, ଅଧାପକ ପଦ୍ମଲୋଚନ ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ପ୍ରତାପ ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ମନୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବହୁ ବ୍ୟକ୍ତିବିଶେଷଙ୍କୁ ବଡ଼ଚଣା ସାମ୍ବାଦିକ ସଂଘ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମଧରେ ବରିଷ୍ଠ କବି ଭୋଳାନାଥ ରାଉତ, ଡ. ଅଜୟ କୁମାର ଲେଙ୍କା, ଅଧାପକ ପଦ୍ମଲୋଚ୍ ପଣ୍ଡା, ସରପଞ୍ଚ ମିନାକ୍ଷୀ ମିଶ୍ର, ଯଯାତିକେଶରୀ ରାଉତ, କୃଷକ ରତ୍ନ ନଳୀନକାନ୍ତ ପୃଷ୍ଟି, ସାମ୍ବାଦିକ ମନମୋହନ ରାଉତ, ରଞ୍ଜନ ଶତପଥୀ, ସମାଜସେବୀ ଶିବପ୍ରସାଦ ରାଉତ, ଶତ୍ରୁଜିତ ସିଂହ, ବଶ୍ୱନାଥ ପାଣୀଗ୍ରାହୀ ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ସକାଳେ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଭୂମିକା ହସ୍ପିଟାଲ ଏଥିରେ ସହଯୋଗ କରିଥିଲା। ଶିବିରରେ ମୋଟ ୧୪୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଏଥିସହ ୧୧ଜଣ ଚକ୍ଷୁ ରୋଗୀଙ୍କ ଅସ୍ତ୍ରୋପଚାର କରାଯିବାକୁ ପରାମର୍ଶ ଦିଆଯାଇଥିଲା। ସାମ୍ବାଦିକ ଉତ୍କଳ ପ୍ରଧାନ, ତୈଲୋକ୍ୟ ନାୟକ, ଭାରତଭୂଷଣ ପଣ୍ଡା, ବସନ୍ତ ପଲେଇ, ସୁରେଶ ଖଣ୍ଡାଇ, ଅନିଲ ରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥି ।

# ବାହାରେ ପଡ଼ିରହିଛି ବସ୍ତା ବସ୍ତା ଧାନ

## ମଣ୍ଡିକୁ ଆସୁନାହାନ୍ତି ମିଲର

**ଯାଜପୁର ଟାଉନ୍, ୧୯।୨ (ଡି.ଏନ୍.ଏ.)** ଯାଜପୁର ସଦର ମହକୁମାଠାରୁ ଅନତି ଦୂରରେ ଥିବା ପଣସା ପଞ୍ଚାୟତର ଧାନମଣ୍ଡି ବାହାରେ ଶହ ଶହ କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଥିବା ଦେଖାଯାଇଛି। ଉକ୍ତ ମଣ୍ଡିରୁ ୧୭ଶହ କୁଇଣ୍ଟାଲ ଧାନ ଇଷ୍ଟର୍ନ ମିଲ୍ କିଣିବା ପାଇଁ ଚୁକ୍ତି କରିଥିଲେ ମଧ ଏବେ ସୁଦ୍ଧା ମାତ୍ର ୫୫୦ କୁଇଣ୍ଟାଲ ଧାନ କିଣିଛି। କିନ୍ତୁ ଏହାପରେ ମିଲର ଜଣକ ଆଉ ମଣ୍ଡିକୁ ଆସୁ ନ ଥିବାରୁ ଚାଷୀମାନେ ମଣ୍ଡି ବାହାରେ ବସ୍ତା ବସ୍ତା ଧାନ ପକାଇ ରଖିଛନ୍ତି।



ଚାଷୀଙ୍କ କହିବା ଅନୁସାରେ, ୧୭୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ମିଲର ଚୁକ୍ତି କରିଥିଲେ ବି ୫୫୦ କୁଇଣ୍ଟାଲ ଧାନ କିଣିବା ପରେ ମଣ୍ଡିକୁ ଆସୁନାହାନ୍ତି। ବୁଧବାର ମଣ୍ଡିରେ ଧାନ ଦେବା ପାଇଁ ଟୋକନ୍ ପାଇଥିବା ଚାଷୀମାନେ ମଣ୍ଡି ବାହାରେ ଆଣି ଧାନ ରଖିଥିଲେ ବି ମିଲରଙ୍କ ଦେଖାମିଳୁନି, ଯାହାକୁ ନେଇ ଚାଷୀମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଖୋଲା ଆକାଶ ତଳେ କୁଇଣ୍ଟାଲ କୁଇଣ୍ଟାଲ ଧାନ ବସ୍ତା ପଡ଼ି ରହିଥିବା ବେଳେ ଧାନ ବିକ୍ରି ହୋଇ ନ ପାରିବା ନେଇ ଚାଷୀମାନେ ଆଶଙ୍କା ବ୍ୟକ୍ତ କାରିଛନ୍ତି। ସେହିପରି ଆସନ୍ତା ଶୁକ୍ରବାର ମଣ୍ଡିରେ ଧାନ ଦେବା ପାଇଁ ଟୋକନ୍ ପାଇଥିବା ଚାଷୀମାନେ ମଧ ଚିନ୍ତାରେ ପଡ଼ିଯାଇଛନ୍ତି। ତୁରନ୍ତ ଚାଷୀଙ୍କ ଏହି ସମସ୍ୟା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପବିତ୍ର ଦାସ, ନିରଞ୍ଜନ ବର୍ଦ୍ଧନ, ରାଜେନ୍ଦ୍ର ନାୟକ, ପ୍ରଦୀପ ନାୟକ ପ୍ରମୁଖ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ପଣସା ସମବାୟ ସମିତି ସମ୍ପାଦକ ବିଚିତ୍ରାନନ୍ଦ ବେହେରାଙ୍କୁ ପଚାରିବାରେ, ଇଷ୍ଟର୍ନ ମିଲ୍ ୧୭ଶହ କୁଣ୍ଟାଲ ଧାନ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ୫୫୦ କୁଇଣ୍ଟାଲ ଧାନ ନେବା ପରେ ମିଲ୍ କର୍ମଚାରୀ ମଣ୍ଡିକୁ ଆସୁନାହାନ୍ତି କି ଫୋନ୍ ମଧ ଉଠାଉନାହାନ୍ତି ବୋଲି କହିଛନ୍ତି।

# ପରୀକ୍ଷା ପ୍ରଥମ ଦିନ: ଅନୁପସ୍ଥିତ ବହୁ ପରୀକ୍ଷାର୍ଥୀ

## ଗଣିଆରେ ୧୨ ଛାତ୍ରୀଛାତ୍ର ଅନୁପସ୍ଥିତ

ଗଣିଆ, ୧୯।୨(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବୁଧବାର ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ଗଣିଆ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୫୩୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ତେବେ ୧୨ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ୩ଟି ଯାକ ପରୀକ୍ଷା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ।

ବ୍ଲକର ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୨୪୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ବୁଧବାର ପରୀକ୍ଷାର ପ୍ରଥମ ଦିବସରେ ୨୩୮ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୬ଜଣ ଅନୁପସ୍ଥିତ ରହିଥିଲେ । ଅନ୍ୟ ଏକ ପରୀକ୍ଷା କେନ୍ଦ୍ର ଆଡକଟାସ୍ଥିତ ପଦ୍ମନାଭ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବା ପାଇଁ ୧୬୫ଜଣ ଆବେଦନ କରିଥିବା ବେଳେ ୧୬୩ଜଣ ପରୀକ୍ଷା ଦେଇଥିଲେ ଓ ୨ଜଣ ଅନୁପସ୍ଥିତ ଥିଲେ। ସେହିପରି ଚଳିତ ବର୍ଷ ପ୍ରଥମଥର ପାଇଁ ନୂତନ ଭାବେ ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ୧୩୪ଜଣ ଆବେଦନ କରିଥିବା ବେଳେ ୧୩୦ ଜଣ ପରୀକ୍ଷା ଦେଇଛନ୍ତି ଓ ୪ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଏହି ବିଦ୍ୟାଳୟକୁ ନୂତନ ଭାବେ ପରୀକ୍ଷା କେନ୍ଦ୍ର କରାଯାଇଥିବାରୁ ଏଠାରେ ସିସି କ୍ୟାମେରା ସହ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ୨ୟ ନଂ. ପରୀକ୍ଷା କେନ୍ଦ୍ର ପରିଦର୍ଶକ ଭାବେ ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ ଓ ନୟାଗଡ଼ ବ୍ଲକ ସହ ଶିକ୍ଷାଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ବ୍ଲକର ୩ଟିଯାକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।



ଗଣିଆରେ ଏକ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀଛାତ୍ର ଫେରୁଛନ୍ତି।

## ପରୀକ୍ଷା ଦେଲେନି ୧୯

**ଭାପୁର,୧୯।୨(ଡି.ଏନ୍.ଏ.)–** ଚଳିତ ବର୍ଷ ଭାପୁର ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ୨୪ ହାଇସ୍କୁଲର ୧୪୦୬ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ଫିଲପ କରିଥିଲେ। ମାତ୍ର ପ୍ରଥମ ଦିନରେ ୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବାରୁ ମୋଟ ୧୩୮୭ ଜଣ ପରୀକ୍ଷା ଦେଇଛନ୍ତି। ବ୍ଲକର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ କେନ୍ଦ୍ରରେ ୧୯୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ଜଣ ଅନୁପସ୍ଥିତ ରହିଛନ୍ତି। ଫତେଗଡ଼ କେନ୍ଦ୍ରରେ ୧୮୬ ମଧ୍ୟରୁ ୪ଜଣ ଏବଂ ପଦ୍ମାବତୀ କେନ୍ଦ୍ରରେ ୧୯୬ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ରହିଛନ୍ତି। ଜାମୁସାହି କେନ୍ଦ୍ରରେ ୨୧୭ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ, କରବର କେନ୍ଦ୍ରରେ ୨ ଜଣ, ବାଇଗୁଣିଆ କେନ୍ଦ୍ରରେ ୨୨୦ ଜଣେ, ବଳଦିଆ ନୂଆଗାଁ କେନ୍ଦ୍ରରେ ୮୨ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲାବେଳେ ଗୋଳାପୋଖରୀ କେନ୍ଦ୍ରରେ କୌଣସି ପରୀକ୍ଷାର୍ଥୀ ଅନୁପସ୍ଥିତ ରହି ନ ଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ବ୍ଲକର ସମସ୍ତ ୮ କେନ୍ଦ୍ରରେ ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପରୀକ୍ଷା ତଦାରଖ ପାଇଁ ଭାପୁର ବିଡିଓ ସତ୍ୟସୁନ୍ଦର ରାଉତ, ତହସିଲଦାର ସୁନୀତା ଜେନା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ବ୍ଲକ ଶିକ୍ଷା ଅଧିକାରୀ ନୀଳକଣ୍ଠ ମହାନ୍ତି ଉପସ୍ଥିତ ଥିଲେ। ପରୀକ୍ଷାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ପୋଲିସ ଓ ଭାପୁର ବିଟ୍ ହାଉସ୍‌ର ସମସ୍ତ କର୍ମଚାରୀ ୮ଟି କେନ୍ଦ୍ରରେ ପଇଁତରା ମାରିଥିଲେ।

## ଖଣ୍ଡପଡ଼ାରେ ୩୨ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଖଣ୍ଡପଡା,୧୯।୨(ସ୍ୱ.ପ୍ର.)**–ଓଡ଼ିଶା ଶିକ୍ଷା ପରିଷଦ ପରିଚାଳନାରେ ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ମାଟ୍ରିକ ପରୀକ୍ଷା । ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଣ୍ଡପଡା ରାମ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରା ଯାଇଛି । ଚଳିତ ବର୍ଷ ଏହି ନୋଡାଲ ସେଣ୍ଟର ଅଧୀନରେ ଆରସି ହାଇସ୍କୁଲ ଖଣ୍ଡପଡାରେ ୨୩୩ ପରୀକ୍ଷା ଦେବାର ବ୍ୟବସ୍ଥା ରହିଥିବା ବେଳେ ଖଣ୍ଡପଡା ବାଳିକା ଉଚ୍ଚ ବିଦ୍ୟାଳୟରେ୧୮୫, ଲିଙ୍ଗରାଜ ହାଇସ୍କୁଲ ଖଳିସାହିରେ ୯୭, ରାମଚଣ୍ଡୀ ହାଇସ୍କୁଲ ନଟବରପୁର ଶାସନରେ ୧୫୫, ଆଞ୍ଚଳିକ ହାଇସ୍କୁଲ କୋସକା ପରୀକ୍ଷା କେନ୍ଦ୍ରରେ ୧୫୫, ଗୋକୁଳାନନ୍ଦ ଜୀଉ ବିଦ୍ୟା ମନ୍ଦିର ସିଧାମୁଳାରେ ୧୨୪, କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨୪, କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠରେ ୧୮୦, ଉଇଭର କୋ–ଅପରେଟିଭ ହାଇସ୍କୁଲ ବାଇଗୁଣିଆରେ ୨୨୦, ବଳଦିଆ ନୂଆଗାଁ ନୋଡାଲ ହାଇସ୍କୁଲରେ୮୨, ବନମାଳୀପୁର ହାଇସ୍କୁଲରେ ୧୩୦ ଏବଂ ଶିଖରପୁର ନୋଡାଲ ହାଇସ୍କୁଲରେ ୨୨୦ ଜଣ ପରୀକ୍ଷାର୍ଥୀ ଏପରି ୧୨ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୯୦୫ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି । ବୁଧବାର ପ୍ରଥମ ଦିନରେ ଖଣ୍ଡପଡା ଆରସି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଅନୁପସ୍ଥିତ ରହିଥିବା ବେଳେ, ଖଣ୍ଡପଡା ବାଳିକା ଉଚ୍ଚ ବିଦ୍ୟାଳୟରେ ୩ଜଣ, ନଟବରପୁର ହାଇସ୍କୁଲ କେନ୍ଦ୍ରରେ ୩ଜଣ, ସିଧାମୂଳା ଗୋକୁଳାନନ୍ଦଜୀଉ ବିଦ୍ୟାପୀଠ କେନ୍ଦ୍ରରେ ୯ଜଣ , କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧ଜଣ, ନୀଳମାଧବ ବିଦ୍ୟାପୀଠରେ ୪ଜଣ, ବାଇଗୁଣିଆଁ ୱେଭର କୋଅପରେଟିଭ ହାଇସ୍କୁଲରେ ୧ଜଣ, ବଳଦିଆ ନୂଆଗାଁ କେନ୍ଦ୍ରରେ ୩ଜଣ, ବନମାଳିପୁର ହାଇସ୍କୁଲ କେନ୍ଦ୍ରରେ ୧ଜଣେ ଓ ଶିଖରପୁର ହାଇସ୍କୁଲ କେନ୍ଦ୍ରରେ ୬ ଜଣ ଏପରି ସମୁଦାୟ ୩୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସଂପୃକ୍ତ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କଠାରୁ ସୂଚନା ମିଳିଛି।

## ଦଶପଲ୍ଲାରେ ପରୀକ୍ଷା ଦେଲେନି ୭୧ ଛାତ୍ରୀଛାତ୍ର

**ଦଶପଲ୍ଲା,୧୯।୨(ଡି.ଏନ୍.ଏ.)–** ଦଶପଲ୍ଲା ବ୍ଲକରେ ବୁଧବାରଠାରୁ ବିଭିନ୍ନ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ୧୩ଟି ପରୀକ୍ଷା ସେଣ୍ଟରକୁ ନେଇ ଦଶପଲ୍ଲା ନୋଡାଲ ସେଣ୍ଟର ଗଠିତ। ଉକ୍ତ ନୋଡାଲ ସେଣ୍ଟରରେ ୨୧୯୨ ଜଣ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତି ହୋଇଥିଲା। ତେବେ ବିଭିନ୍ନ ସେଣ୍ଟରରେ ୭୧ ଜଣ ପିଲା ଅନୁପସ୍ଥିତ ରହିଥିବା ଜଣାଯାଇଛି। ଦଶପଲ୍ଲା ନୋଡାଲର ସମସ୍ତ ସେଣ୍ଟରରେ ସର୍ବମୋଟ ୨୧୨୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ସୂତ୍ରରୁ ଜଣାଯାଇଛି। ଦଶପଲ୍ଲା ବ୍ଲକର ରାଧାମୋହନ ଜୀଉ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୪ଟି ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ଦଶପଲ୍ଲା ହାଇସ୍କୁଲରେ ୫ଟି ହାଇସ୍କୁଲ, ଦଶପଲ୍ଲା ବାଳିକା ହାଇସ୍କୁଲରେ ୨ଟି ହାଇସ୍କୁଲ, ମଧଖଣ୍ଡ ହାଇସ୍କୁଲରେ ୩ଟି ହାଇସ୍କୁଲ, ସାତପାଟଣା ହାଇସ୍କୁଲରେ ୨ଟି ହାଇସ୍କୁଲ, ଖମାରସାହି ହାଇସ୍କୁଲରେ ୨ଟି ହାଇସ୍କୁଲ, ଟାକେରା ହାଇସ୍କୁଲରେ ୪ଟି ହାଇସ୍କୁଲ, ବୁଗୁଡ଼ା ହାଇସ୍କୁଲରେ ୨ଟି ହାଇସ୍କୁଲ, ବାଣୀଗୋଛା ହାଇସ୍କୁଲରେ ୩ଟି ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ଜଣାଯାଇଛି।


ଦଶପଲ୍ଲାରେ ଏକ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀମାନେ ଫେରୁଛନ୍ତି।

## ସଂକ୍ଷେପରେ

### ଆଇଟିଆଇ ଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବ ଏଲ୍ଇଡି ବଲ୍ବ



**ବ୍ରହ୍ମପୁର ଅଫିସ,୧୯।୨-** ବର୍ତ୍ତମାନ ସମୟରେ ଶକ୍ତି ସଂରକ୍ଷଣ ଅତ୍ୟାବଶ୍ୟକ ହୋଇପଡିଛି । ବିଦ୍ୟୁତ ଶକ୍ତିର ଅପଚୟକୁ ରୋକିବା ସହ ଶୁଳ୍କ ହ୍ରାସ ପାଇଁ ଏବେ ଏଲ୍ଇଡି ବଲ୍ବ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । କମ୍ ଖର୍ଚ୍ଚରେ ଏହି ଏଲ୍ଇଡି ବଲ୍ବ ନିର୍ମାଣ କରିବା ଓ ବଜାରରେ ଉପଲବ୍ଧ କରାଇବା ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ଉଦ୍ୟମ ହୋଇଛି। ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ କରାଇବା ଉଦ୍ଦେଶ୍ୟ ନେଇ ଆଇଟିଆଇ ପକ୍ଷରୁ ଏଲଇଡି ବଲ୍ବ ପ୍ରଶିକ୍ଷଣ ଦିଆଯାଇଛି। ତାଲିମ ଗ୍ରହଣ ପରେ ବୁଧବାରରୁ ଇଲେକ୍ଟ୍ରିସିଆନ ଟ୍ରେଡର ଛାତ୍ରୀଛାତ୍ରମାନେ ଏଲ୍ଇଡି ବଲ୍ବ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ସେମାନେ ମାତ୍ର ୫ ମିନିଟରେ ଗୋଟିଏ ବଲ୍ବ ତିଆରି କରିବାରେ ସକ୍ଷମ ହୋଇପାରୁଥିବା ଅନୁଷ୍ଠାନ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚାଇଛନ୍ତି । ଛାତ୍ରୀଛାତ୍ରମାନଙ୍କ ଅଧ୍ୟୟନ ପରେ ଏହି ତାଲିମ ନିଜକୁ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରାଇପାରିବ ବୋଲି ଅଧକ୍ଷ କହିଛନ୍ତି ।

### ଓଡ଼ିଆ ବିଭାଗ ପାଠଚକ୍ର, ବିଦାୟ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ, ୧୯।୨:** ମହାମାୟୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଓ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ସମାଜ ସଂସ୍କାରକ ଫକୀରମୋହନଙ୍କ ବିଷୟକୁ ନେଇ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଓଡ଼ିଆ ବିଭାଗ ଅଧାପିକା ଡ. ସୁଜାତା ତ୍ରିପାଠୀ, ଅଧାପିକା ଧରିତ୍ରୀ ସାହୁ ଫକୀର ମୋହନଙ୍କ ଭାଷା ଜ୍ଞାନ ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନା ପାଣିଗ୍ରାହୀ ଓ ମୋନାଲିସା ପଣ୍ଡା ସନ୍ଦର୍ଭ ପାଠ କରିଥିଲେ । ଶେଷରେ ଜ୍ୟୋତ୍ସ୍ନା ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

### ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

**ଭଞ୍ଜନଗର,୧୯।୨(ଡି.ଏନ.ଏ.):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ପାଟୁଳିସାହିର ଟୁଟୁ ପ୍ରଧାନ ବୁଧବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ପ୍ରକାଶ ଯେ, ଟୁଟୁ ବୁଧବାର ସକାଳ ପ୍ରାୟ ୮ଟାରେ ଚାଷଜମି ଆଡ଼େ ଯାଇଥିଲେ। ହଠାତ୍ ଏକ ବୁଦା ଭିତରୁ ବାର୍‌ହା ବାହାରି ଟୁଟୁଙ୍କୁ ଆକ୍ରମଣ କରିଥିଲା। ପାଟି ଶୁଣି ନିକଟରେ ଥିବା ଲୋକେ ଆସି ଟୁଟୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମେଡ଼ିକାଲକୁ ଆଣିଥିଲେ।

## ସାଇବର ଆଇନ ଉପରେ ସଚେତନତା ଶିବିର


ଉପସ୍ଥିତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ,୧୯।୨

ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ବୁଧବାର ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ସାଇବର ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ପ୍ରମିଳା ଖାଡଙ୍ଗା ମଞ୍ଚାସୀନ ଥିଲେ। ସାଇବର ଅପରାଧ ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ମୁଖ୍ୟ ଅତିଥି ଦାସ ଶିବିରରେ ଥିବା ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଓ ପାରା ଲିଗାଲ ୱାର୍କରମାନଙ୍କୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ସାଇବର ଥାନା ଏସ୍‌ଆଇ ସୁରେଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ ସମ୍ପ୍ରତି ସମାଜରେ ଦେଖାଦେଉଥିବା ସାଇବର ଅପରାଧ ସମ୍ପର୍କରେ କହିଥିଲେ। ସେହିପରି ଏହାର ବିଭିନ୍ନ ଦିଗରେ ଉପରେ ଲୋକମାନେ କିପରି ଅଧିକରୁ ଅଧିକ ସଚେତନ ହେବେ ସେ ବିଷୟରେ କହିଥିଲେ। ଦିନକୁ ଦିନ ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ବ୍ୟବହାର କରି ଲୋକମାନଙ୍କୁ ଠକୁଛନ୍ତି। ଫେସ୍‌ବୁକ, ଏଟିଏମ୍, ସ୍କିମ୍‌ରେ ଲୋକଙ୍କୁ ଏହି ଅପରାଧୀମାନେ ଠକୁଛନ୍ତି। ଏଣୁ ଲୋକମାନେ ସତର୍କତା ଅବଲମ୍ବନ କରି ମୋବାଇଲ ଫୋନକୁ ଆସୁଥିବା ବିଭିନ୍ନ ଆପ୍‌ଗୁଡିକ ସଚେତନତାର ସହ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ଏବେ ଅପରାଧୀମାନେ ପୁରୁଣା ଗାଡି କିଣା ବିକା କରାଇବା ଆଳରେ ଲୋକଙ୍କୁ ମଧ୍ୟ ଠକୁଛନ୍ତି। ଏ ଦିଗରେ ଲୋକମାନେ କିପରି ସଚେତନ ରହିବେ ସେ ସମ୍ପର୍କରେ ପୃଷ୍ଟି ସଚେତନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ଼. ରଶ୍ମି ସାହୁ, ଡ଼. ମଧୁସ୍ମିତା ଦାସ, ଡ଼.ଆନନ୍ଦ ସେଠୀ, ଡ଼. ଚିତ୍ତରଞ୍ଜନ ମହାନ୍ତି ଓ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଣ୍ଡିଆ ହନୁମାନ ପୀଠରେ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ

ଖଣ୍ଡପଡା,୧୯।୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ରରେ ଗତ ମଙ୍ଗଳବାର ଠାରୁ ୯ ଦିନ ବ୍ୟାପୀ ଆରମ୍ଭ ହୋଇଥିବା ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ତଥା ୬ଷ୍ଠ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ପ୍ରବଚକମାନଙ୍କ ଦ୍ୱାରା ପ୍ରଭୁଶ୍ରୀ ରାମଙ୍କ କଥାବସ୍ତୁ ଉପରେ ପ୍ରବଚନ ଦିଆଯାଉଥିଲା । ବିଶେଷକରି ଯଜ୍ଞ ପୁରୋଧା ଭାବେ ଗୋବର୍ଦ୍ଧନ ଷଡଙ୍ଗୀ ଓ ବ୍ୟାସ ଭାବରେ ଶ୍ୟାମ ସୁନ୍ଦର ଦାସ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉକ୍ତ ଦିନମାନଙ୍କରେ ପ୍ରବକ୍ତା ପଣ୍ଡିତ ଶ୍ୟାମ ସୁନ୍ଦର ଗୋଛି, ସୁଦାମ ଚରଣ ଦାସ, ବସନ୍ତ ବିଶୋଇଙ୍କ ଦ୍ୱାରା ଶ୍ରୀ ରାମନାମ ମହାତ୍ମ୍ୟ, ସତୀ ମୋହ, ଶିବ ବିବାହ, ଶ୍ରୀରାମ ଜନ୍ମ ଓ ବାଲ୍ୟ ବିବାହ, ସୀତା ବିବାହ, ପର୍ଶୁରାମ ଭେଟ, ମନ୍ଥରା ପ୍ରସଙ୍ଗ ରାମ ଭରତ ମିଳନ, ସୀତାଚୋରୀ, ବାଳୀ ବଧ ଓ ଲଙ୍କା ପୋଡି, ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ରାବଣ ବଧ ସମ୍ପର୍କରେ ପ୍ରବଚନ ଦିଆଯାଇଥିବା ବେଳେ ବୁଧବାର ଅନ୍ତିମ ଦିବସରେ ରାମାଭିଷେକ ଓ ଜ୍ଞାନଭକ୍ତି ବର୍ଣ୍ଣନା ସମ୍ପର୍କରେ ପ୍ରବଚନ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଭୋଳାନାଥ ନାୟକ ଓ କୁଞ୍ଜ ସାହୁ ସୂଚନା ଦେଇଛନ୍ତି । ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅନୁଷ୍ଠିତ ରାବଣ ପୋଡି ଦେଖିବାକୁ ହଜାର ହଜାର ଜନସାଧାରଣ ସମାଗମ ହୋଇଥିଲେ।

## ବେଆଇନ ପଥର ବିସ୍ଫୋରଣରେ ଲାଗିବ ଲଗାମ

ନୟାଗଡ ଅଫିସ,୧୯।୨

ଡିଆରଡିଏ ସମ୍ମିଳନୀ କକ୍ଷରେ ବନବିଭାଗର ୨ୟ ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ଜିଲାପାଳ ଡ.ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଥର ଖଣି ଉପରେ ଚଢ଼ାଉ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବେଆଇନ ଭାବେ ହେଉଥିବା ପଥର ବିସ୍ଫୋରଣରେ ଲଗାମ ଲାଗିବ । ବିଭିନ୍ନ ପାହାଡ ପର୍ବତରେ ଜବର ଦଖଲ କରିଥିବା ରିପୋର୍ଟ ସଂଗ୍ରହ କରାଯାଇ ପଦକ୍ଷେପ ନିଆଯିବ । ହାତୀ ଚଲାପଥ, ବସ ଯାଉଥିବା ଅଞ୍ଚଳରେ ଓ ଅନ୍ୟ କୌଣସି ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ରହିଥିଲେ ତା'ର ରିପୋର୍ଟ ପ୍ରସ୍ତୁତ କରି ତୁରନ୍ତ ହଟାଇବାକୁ ଅନୁରୂପ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତା ସମ୍ପ୍ରସାରଣ ବେଳେ ରାସ୍ତା ପାର୍ଶ୍ୱ ଗଛକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେନେଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଇ କାର୍ଯ୍ୟ କରନ୍ତୁ ବୋଲି ଜିଲାପାଳ କହିଥିଲେ । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଡିଏଫଓ ଧନରାଜ ଏଚଡି, ଉପଜିଲାପାଳ ଲଗ୍ନଜିତ ରାଉତ, ତହସିଲଦାର, ବିଡିଓ, ବନାଞ୍ଚଳ ଅଧିକାରୀ, ବିଦ୍ୟୁତ୍, ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

## ଡିଆଇସି ପକ୍ଷରୁ ଉଦ୍ୟୋଗୀଙ୍କ ସମସ୍ୟା ସମାଧାନ ଶିବିର

ବ୍ରହ୍ମପୁର ଅଫିସ,୧୯।୨

ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି)ପକ୍ଷରୁ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ଉଦ୍ୟୋଗୀଙ୍କ ସମସ୍ୟା ସମାଧାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି)ର ସାଧାରଣ ପରିଚାଳକ ଅନାମ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଡିଆଇସି ଆସିଷ୍ଟାଣ୍ଟ ମ୍ୟାନେଜର ଚିନ୍ମୟ ପରିଡା, ଇଡ୍‌କୋ ବ୍ରହ୍ମପୁର ଡିଭିଜନାଲ ହେଡ୍ ଅଶୋକ କୁମାର ମିଶ୍ର, ଓଡିଶା ଇଣ୍ଡଷ୍ଟ୍ରୀ ଫେଡେରେଶନ ଉପସଭାପତି ରାଜେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଫୁଡ ଲାଇସେନ୍ସ ଆବେଦନରେ ବିଳମ୍ବ, ଶିଳ୍ପ ପୁଞ୍ଜିନିବେଶ ସବ୍‌ସିଡିରେ ବିଳମ୍ବ, ଗ୍ରାନାଇଟ୍ ଇଣ୍ଡଷ୍ଟ୍ରିଗୁଡିକର ପ୍ରଡକ୍ସନ ପ୍ରମାଣପତ୍ର ଡିଆଇସିରେ ବିଳମ୍ବ ହେଉଥିବା ନେଇ ଉଦ୍ୟୋଗୀମାନେ ଅଭିଯୋଗ କରିଥିଲେ। ଜିଏସ୍‌ଟି ପରେ ଉଦ୍ୟୋଗୀମାନେ ସାମ୍ନା କରୁଥିବା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଇଣ୍ଡଷ୍ଟ୍ରୀ କ୍ଷେତ୍ରରେ ପଲିଥିନ କାରବାର ବନ୍ଦ କରିବାକୁ କୁହାଯାଇଥିଲା। ଏହି ଶିବିରରେ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବ୍ରହ୍ମପୁର ଆଞ୍ଚଳିକ କେନ୍ଦ୍ର ଅଧିକାରୀ, ଫ୍ୟାକ୍ଟ୍ରି ଓ ବ୍ରୟଲର ବ୍ରହ୍ମପୁର, ବ୍ରହ୍ମପୁର ଖଣି ଅଧିକାରୀ ଯୋଗ ଦେଇଥିଲେ।

## ୫୫ ଲିଟର ମଦ ଜବତ, ୩ ଗିରଫ

**ନୟାଗଡ ଅଫିସ/ଦଶପଲ୍ଲା, ୧୯।୨(ଡି.ଏନ.ଏ.)–**କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ପକ୍ଷରୁ ଦଶପଲ୍ଲା ଓ ଗଣିଆ ଅଞ୍ଚଳରେ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ଓ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇଛି । ବେଆଇନ ଭାବେ ମଦ ବିକ୍ରୀ ଘଟଣାରେ ଟାକେରାର ଛବି ସାହୁ, ଇନ୍ଦିପଟାର କାର୍ତ୍ତିକ ବାରିକ, ଗଣିଆର ସୁମନ ପାତ୍ରଙ୍କୁ ଗିରଫ କରାଯାଇଛି।

## ବିଭିନ୍ନ ସ୍ଥାନରୁ ୬ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୯।୨

ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ ପାଇଁ ଅନେକ ଯୋଜନା କରାଯାଇଛି। ଏବେ ଶିଶୁ ଶ୍ରମିକ ଉଦ୍ଧାର ପାଇଁ ବ୍ରହ୍ମପୁର ପୋଲିସ ଜିଲାରେ ବଚପନ ବଚାଓ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିରେ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ, ଜୁଭେନାଇଲ ପୋଲିସ ଅଧିକାରୀ ଓ ଚାଇଲଡ଼ ଲାଇନ କର୍ମକର୍ତ୍ତାଙ୍କୁ ନେଇ ଗଠିତ ହୋଇଛି ୫ ଜଣିଆ ସ୍କ୍ୱାଡ୍। ଏହି ସ୍ୱତନ୍ତ୍ର ଡ୍ରାଇଭ ମଙ୍ଗଳବାରରୁ ବ୍ରହ୍ମପୁର ପୋଲିସ ଜିଲାରେ ଆରମ୍ଭ ହୋଇଛି। ଦ୍ୱିତୀୟ ଦିନରେ ଏହି ସ୍କ୍ୱାଡ୍ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ରେଳଷ୍ଟେଶନ, ଗୁଡ୍ସସେଡ଼ ନିକଟରେ ଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢାଉ କରିଥିଲା। ସେଠାରେ କାମ କରୁଥିବା ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର ସୂଚନା ଦେଇଛନ୍ତି। ସେମାନଙ୍କୁ ଏବେ କାଉନ୍‌ସେଲିଂ ପାଇଁ ଶିଶୁ ମଙ୍ଗଳ କମିଟି ନିକଟକୁ ପଠାଇ ଦିଆଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କ ମଧ୍ୟରେ ଜଣେ ନେପାଳର ହୋଇଥିବା ଶ୍ରମ ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି। ମଙ୍ଗଳବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ୭ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିଲେ। ଆସନ୍ତା ୨୯ ତାରିଖ ଯାଏ ବ୍ରହ୍ମପୁର ପୋଲିସ ଜିଲାର ୧୦ ଥାନାର ବିଭିନ୍ନ ଅଞ୍ଚଳରେ ଚଢାଉ ଜାରି ରଖିବେ ବୋଲି ଜଣାପଡିଛି।

## ପ୍ରଶାସନ ମିଳିତ ଟିମ୍‌ର ଚଢ଼ାଉ, କାଗଜପତ୍ର ଜବତ

ବ୍ରହ୍ମପୁର ଅଫିସ, ୧୯।୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗୁରୁଦେବ ହସ୍‌ପିଟାଲରେ ସୋମବାର ରାତିରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ସେ ହେଲେ ଐଶ୍ୱର୍ଯ୍ୟା ସିଂଦେଓ। ଯାହାକୁ ନେଇ ହସ୍‌ପିଟାଲରେ ରୋଗୀ ସମ୍ପର୍କୀୟ ଓ ଡ଼ାକ୍ତରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ମହିଳାଙ୍କ ଅସ୍ତ୍ରୋପଚାର କରିଥିବା ଡ଼ା. ପ୍ରଭାତ ପାଣିଗ୍ରାହୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ଏହି ଘଟଣା ପରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନର ମିଳିତ ଟିମ୍ ବୁଧବାର ରାତିରେ ଉକ୍ତ ହସ୍‌ପିଟାଲରେ ଚଢ଼ାଉ କରିଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଚଢ଼ାଉ କରିଥିଲା। ଗୁରୁଦେବ ହସ୍‌ପିଟାଲ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ସମ୍ପର୍କିତ ସମସ୍ତ କାଗଜପତ୍ର ଯାଞ୍ଚ ହୋଇଥିଲା ବୋଲି ସହକାରୀ ଜିଲାପାଳ କହିଛନ୍ତି। ହସ୍‌ପିଟାଲ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ଯାଞ୍ଚ କରାଯାଇଥିଲା। ଏହି ହସ୍‌ପିଟାଲରେ କେତେ ଜଣ ଡ଼ାକ୍ତର ଅଛନ୍ତି, ନର୍ସ ଓ କର୍ମଚାରୀ କାମ କରୁଛନ୍ତି ତା'ର ତାଲିକା ରହିଛି କି ନାହିଁ ସେ ନେଇ ମଧ୍ୟ ହସ୍‌ପିଟାଲ ମାଲିକ କଳ୍ପନା ବରାଳଙ୍କୁ ଟିମ୍ ପଚରାଉଚରା କରିଥିଲା। ସେ ସମ୍ପର୍କିତ ସମସ୍ତ କାଗଜପତ୍ର ମଗାଯାଇଥିଲା ବୋଲି ସେ କହିଛନ୍ତି। ସେହିପରି ହସ୍‌ପିଟାଲ ଚଳାଇବା ପାଇଁ ଯେଉଁ ସବୁ ନିୟମ୍ କାନୁନ୍ , କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ସ ବ୍ୟବସ୍ଥା ଅଛି କି ନାହିଁ ସେ ନେଇ ମଧ୍ୟ ଯାଞ୍ଚ କରାଯାଇଥିଲା। ହସ୍‌ପିଟାଲ ପରିଚାଳନା ପାଇଁ ଯେଉଁ ଆବଶ୍ୟକ କାଗଜପତ୍ର ରହିଛି ତା'ର ଜେରକ୍ସ କପି ଏହି ଟିମ୍ ହସପିଟାଲ ମାଲିକଙ୍କଠାରୁ ସଂଗ୍ରହ କରିଛି। ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପରେ ତାହା ଜିଲାପାଳଙ୍କ ନିକଟକୁ ପଠାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ସାହୁ, ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର, ଡ଼ିଏମ୍‌ଆରସିଏଚ ଶକ୍ତି କୁମାର ଦିଗାଲ, ଡ୍ରଗ୍ସ ଇନ୍ସପେକ୍ଟର ଦେବାଶିଷ କାଲୋ, ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି ଓ ବୈଦ୍ୟନାଥପୁର ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଗୁରୁଦେବ ହସ୍ପିଟାଲରେ ପ୍ରଶାସନର ମିଳିତ ଟିମ୍ ଯାଞ୍ଚ କରୁଛନ୍ତି ।

### ଗୁରୁଦେବ ହସ୍ପିଟାଲରେ ରୋଗୀ ମୃତ୍ୟୁ ଘଟଣା

## ସଂକ୍ଷେପରେ

### ଅପେରା ଦେଖିବାକୁ ଆସିଥିବା ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ

**ଖଣ୍ଡପଡ଼ା,୧୯।୨(ସ୍ୱ.ପ୍ର.)**- କଣ୍ଟିଲୋ ମାଘମେଳା ଯାତ୍ରା ଦେଖିବା ପାଇଁ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ୍‌ରେ ଆସୁଥିବା ୨ଜଣ ଯୁବକ ବେଣାଗାଡିଆ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ରାତି ପ୍ରାୟ ୧୨ଟାରୁ ଗୋଟାଏ ମଧ୍ୟରେ ଫତେଗଡ ଥାନା ଅନ୍ତର୍ଗତ ବାଘୁଆପଲ୍ଲୀ ପଞ୍ଚାୟତ ଧଳାବନ୍ଧ ଗ୍ରାମର ନିରଞ୍ଜନ ବେହେରା ସାଙ୍ଗ ବାହାଡ଼ା ଗ୍ରାମର ଆକାଶଙ୍କ ସହ ମିଶି ଏକ ବାଇକ୍ ଯୋଗେ ଖଣ୍ଡପଡା-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ କଣ୍ଟିଲୋକୁ ଅପେରା ଦେଖିବା ପାଇଁ ଆସୁଥିଲେ। ବେଣାଗାଡିଆ ଗ୍ରାମ ନିକଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ ଦୁର୍ଘଟଣାର କାରଣ ଜଣାପଡିନାହିଁ। ବୁଧବାର ସକାଳେ ପୋଲିସ ରାସ୍ତାପାର୍ଶ୍ୱ ବିଲରୁ ଜଣଙ୍କ ମୃତଦେହ ସହ ଆହତ ଯୁବକଙ୍କୁ ଉଦ୍ଧାର କରିଥିଲା। ଏଥିସହ ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ବାଇକ୍‌ଟିକୁ ଜବତ କରିଛି । ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

### ପୂର୍ବ ଶତ୍ରୁତାକୁ ନେଇ ନାବାଳିକା ଅପହରଣ ଅଭିଯୋଗ

**ଖଣ୍ଡପଡ଼ା,୧୯।୨(ସ୍ୱ.ପ୍ର.)**- ଖଣ୍ଡପଡ଼ା ଥାନା ଅଧୀନ ଗଡିଆସାହି ପଞ୍ଚାୟତର ନୂଆଗଡିଆସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ୧୭ ବର୍ଷର ନାବାଳିକାଙ୍କୁ ପଡ଼ିଶା ଘର ଲୋକ ଗତ ୧୭ ତାରିଖ ସନ୍ଧ୍ୟା ୭ଟାରେ ଅପହରଣ କରି ନେଇଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଖଣ୍ଡପଡା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି । ନୂଆଗଡିଆସାହିର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ ମିଳିତ ହୋଇ ଏହି ଅପହରଣ ନାଟକ କରିଥିବା ନାବାଳିକାଙ୍କ ପିତା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି । ଅପହରଣକାରୀଙ୍କ କବଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅଭିଯୋଗକାରୀଙ୍କ ପରିବାରବର୍ଗ ଦାବି କରିଛନ୍ତି।

### ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ନୟାଗଡ ଅଫିସ/ଦଶପଲ୍ଲା,୧୯।୨ (ଡି.ଏନ.ଏ.)**- ମହିଳାଙ୍କୁ ଅସଦାଚରଣ ଅଭିଯୋଗ ରେ ବାଣିଗୋଛା ଥାନା ପୋଲିସ ବାଣିଗିରି ଗ୍ରାମର ରବୀନ୍ଦ୍ର ମଲ୍ଲିକ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ରବୀନ୍ଦ୍ରଙ୍କୁ ଦଶପଲ୍ଲା କୋର୍ଟକୁ ପଠାଇ ଦିଆଯାଇଛି । ସେ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ କରିବା ନେଇ ଅଭିଯୋଗ ପରେ ପୋଲିସ ୨୬/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

# ବିବାହ ନାଁରେ ଝାନ୍‌ସୀ ଚାଲାଣ

**ନୟାଗଡ ଅଫିସ,୧୯।୨**

- ଦଲାଲ ସାଜିଛନ୍ତି ମହିଳା
- ବାଦ୍ ପଡୁନାହାନ୍ତି ନାବାଳିକା

ବିବାହ ନାଁରେ ନୟାଗଡ଼ରୁ ଝାନ୍‌ସୀ ଚାଲାଣ ହେଉଛନ୍ତି ଯୁବତୀ । ଯୁବତୀ ଚାଲାଣ ପଛରେ ଦଲାଲ ସାଜିଛନ୍ତି ଝାନ୍‌ସୀରେ ବିବାହିତ ନୟାଗଡ଼ ଜିଲାର କେତେକ ମହିଳା, ଯେଉଁମାନେ କି ଝିଅର ମା'ବାପା କିମ୍ବା ନିକଟ ସମ୍ପର୍କୀୟଙ୍କୁ କିଛି ଅର୍ଥ ଦେଇ ଏବଂ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଝାନ୍‌ସୀ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଅଭିଯୋଗ ଥାଉ ବା ନ ଥାଉ ଘଟଣା ଚପିଚାଲିଛି। କାରଣ ଟଙ୍କା ମୁହଁ ବଙ୍କା କରିଦେଉଛି ବୋଲି ଝାନ୍‌ସୀରୁ ନିର୍ଯାତିତ ହୋଇ ଫେରିଥିବା ଜଣେ ମହିଳା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ମହିଳାଙ୍କୁ ସହଯୋଗ କରୁଛନ୍ତି ସ୍ୱାମୀଙ୍କ ପରିବାର ସଦସ୍ୟଙ୍କ ସହ ଏକ ର୍‍ୟାକେଟ୍ । ଏହି ର୍‍ୟାକେଟ୍‌ର ସଦସ୍ୟମାନେ ହାତଗୁଞ୍ଜା ଦେଇ ମୁହଁ ବନ୍ଦ କରିଦେଉଥିବାର ଅଭିଯୋଗ ରହିଛି। ନୟାଗଡ଼ ଜିଲାର ରଣପୁର, ଶରଣକୁଳ, ଗଣିଆ, ଖଣ୍ଡପଡ଼ା, ନୟାଗଡ଼ ସଦର ଥାନା, ନୟାଗଡ଼ ଟାଉନ ଥାନା, ନୂଆଗାଁ ଓ ଇଟାମାଟି ପରି ନୟାଗଡ଼ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏହି ର୍‍ୟାକେଟ୍‌ର ଚେର ଲମ୍ବିଛି। ବର୍ଷର ବିଭିନ୍ନ ସମୟରେ ନୟାଗଡ଼ ପୋଲିସ ଜିଲାରୁ ଯୁବତୀ ଓ ନାବାଳିକା ଚାଲାଣ ହୋଇଆସୁଛନ୍ତି।

### ୫୦ ପ୍ରତିଶତଙ୍କ ଖୋଜଖବର ନାହିଁ

ଝାନ୍‌ସୀରେ ବିବାହ ପରେ ଅନେକ ଯୁବତୀ ଓ ନାବାଳିକାଙ୍କର ଆଉ ଘର ସହ ସମ୍ପର୍କ ରହୁନାହିଁ । ଏପରି ଅଭିଯୋଗ ଆଣିଛନ୍ତି ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ। ଉଷା କୁହନ୍ତି, ନୟାଗଡ଼ ଜିଲାର ଅନେକ ଯୁବତୀ ଓ ନାବାଳିକା ଝାନ୍‌ସୀରେ ବିବାହ କରୁଛନ୍ତି । ୧୯୯୭ ମସିହାରେ ଏପରି ଅଭିଯୋଗ ଆମ ଅନୁଷ୍ଠାନ ଜିଲାପାଳ, ମହିଳା କମିଶନ ଓ ସରକାରଙ୍କୁ ଅବଗତ କରାଇଥିଲା। ସେହି ବର୍ଷଠାରୁ ଝାନ୍‌ସୀରେ ବିବାହ ନ କରିବାକୁ ସଚେତନତା ସୃଷ୍ଟି କରିଆସୁଛି। ତେବେ ଝାନ୍‌ସୀକୁ ଚାଲାଣ ହେଉଥିବା ପ୍ରାୟ ୫୦ ପ୍ରତିଶତଙ୍କର ଖୋଜଖବର ରହୁନି । ସେମାନେ ବଞ୍ଚିଛନ୍ତି କି ନାହିଁ ତାହା ମଧ୍ୟ ଜଣାପଡୁନି। ପରିବାର ସହ ସେମାନଙ୍କର ସମ୍ପର୍କ ନାହିଁ । ଫେରିଆସିଥିବା କିଛି ମହିଳାଙ୍କ ସୂଚନା ଅନୁସାରେ ଦିନକୁ ୧୫ରୁ ୧୮ ଘଣ୍ଟା ପରିଶ୍ରମ କରାଉଛନ୍ତି। ଖାଇବାକୁ ଦେଉନାହାନ୍ତି। ଅନେକେ ନିର୍ଯାତନା ସହି ଫେରିଆସୁଛନ୍ତି । ଗଣିଆ ବ୍ଲକର ଜଗନ୍ନାଥ ପ୍ରସାଦ, ଆଡକଟା, ରାସଙ୍ଗ, ବେଲପଡା ଅଞ୍ଚଳର ଏପରି କେତେକ ମହିଳା ଫେରିଆସିଛନ୍ତି । ଆଉ କିଛି ମହିଳା ବିବାହ ପରେ ଫେରୁଛନ୍ତି । ସେମାନେ ଝାନ୍‌ସୀରେ ଭଲରେ ଅଛନ୍ତି ବୋଲି ଦେଖାଇ ହେଉଛନ୍ତି। ତାଙ୍କୁ ଦେଖି ଅନ୍ୟମାନେ ଝାନ୍‌ସୀ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

### ଝିଅ ବୋଝ

ଝାନ୍‌ସୀରୁ ଫେରିଥିବା ଜଣେ ମହିଳା କହିଛନ୍ତି, ମା'ବାପାଙ୍କ ପାଇଁ ଝିଅ ବୋଝ ହେଉଛନ୍ତି। ଝିଅ ଜନ୍ମ ହେବା ଓ ପରେ ବିବାହ ନେଇ ଅନେକ ମା'ବାପା ବୋଝ ବୋଲି ଭାବୁଛନ୍ତି। ମୁଖ୍ୟତଃ ଗରିବ ଲୋକଙ୍କ କ୍ଷେତ୍ରରେ ଏପରି ଘଟୁଛି। ଏଥିପାଇଁ ଝିଅକୁ ଭଲରେ ପଢ଼ାଉ ନାହାନ୍ତି। ପୁଣି ଅଳ୍ପ ବୟସରେ ବିବାହ କରିଦେଉଛନ୍ତି । ବିବାହ ପରେ ଝିଅ ମଲା କି ବଞ୍ଚିଲା, ସେନେଇ ଚିନ୍ତା କରୁନାହାନ୍ତି। ବିବାହ ପରେ ନିର୍ଯାତିତ ହୋଇ ଝିଅ ଘରକୁ ଫେରିଲେ ତାକୁ ଘରେ ରଖୁନାହାନ୍ତି । ଗାଁରେ ରହିଲେ ତା'ର ପରିଚୟ ରହୁନି। ମୋ ପରି ମହିଳାମାନେ ଅବହେଳିତ ଓ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି । ଅନ୍ୟପକ୍ଷେ ଝିଅ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିପରି କଷ୍ଟରେ ବଞ୍ଚିଛି ତା'ର ସମୀକ୍ଷା କରାଯାଉନି । ମା' ପେଟରେ ଝିଅ ଥିଲେ ତାକୁ ହତ୍ୟା କରାଯାଉଛି। ଜନ୍ମ ହେଲେ ପୁଅ ପରି ତାକୁ ବଞ୍ଚିବାକୁ ଦିଆଯାଉନି। ବିବାହକୁ ବୋଝ ଭାବି ବୟସ ହୋଇ ନ ଥିଲେ ମଧ୍ୟ ବିବାହ କରିଦିଆଯାଉଛି । ବିବାହ ଆଖପାଖ ଅଞ୍ଚଳରେ କରା ନ ଯାଇ ଅଜଣା ଲୋକଙ୍କ ସହ ଝାନ୍‌ସୀ ପରି ଅଞ୍ଚଳରେ କରାଯାଉଛି । ଏପରି କି ଝିଅର ବିବାହ ପାଇଁ ମା'ବାପା ମଧ୍ୟ ଟଙ୍କା ରୋଜଗାର କରୁଛନ୍ତି । କିନ୍ତୁ ପୁଅ ଯେହେତୁ ଉତ୍ତରାଧିକାରୀ ସେହେତୁ ତା' ପାଇଁ କେହି ଚିନ୍ତା କରୁନାହାନ୍ତି। ମାନସିକତାରେ ପରିବର୍ତ୍ତନ ନ ଆଣିଲେ ଝିଅମାନେ ଏହିପରି ସବୁବେଳେ ନିର୍ଯାତିତ ହୋଇ ବଞ୍ଚୁଥିବେ । ଝାନ୍‌ସୀରୁ ଫେରିଥିବା କିଛଇ ମହିଳାଙ୍କ ସହ ଆଲୋଚନା କରି ପ୍ରଶାସନ ଏପରି ବିବାହ ପ୍ରଥାର ବନ୍ଦ ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## ନାବାଳିକା ଉଦ୍ଧାର: ମାଉସୀ ମଉସାଙ୍କ ନାଁରେ ମାମଲା

**ନୟାଗଡ ଅଫିସ,୧୯।୨**–ବିବାହ ଉଦ୍ଦେଶ୍ୟରେ ଝାନ୍‌ସୀ ଚାଲାଣ ହୋଇଥିବା ନାବାଳିକାଙ୍କୁ ନୟାଗଡ ସଦର ଥାନା ପୋଲିସ ଉଦ୍ଧାର କରି ବୁଧବାର କୋର୍ଟ ଓ ସିଡବ୍ଲୁସିରେ ହାଜର କରାଇଛି । ମାବାପାଙ୍କ ପାଖରେ ରହିବାକୁ ନାବଳିକା ପ୍ରକାଶ କରିଛନ୍ତି। ତଦନ୍ତ ଶେଷ ହୋଇ ନ ଥିବାରୁ ନାବାଳିକାଙ୍କୁ ତପସ୍ୟା ଶିଶୁ ଗୃହରେ ରଖାଯାଇଛି । ତେବେ ଗୁରୁବାର ମାବାପାଙ୍କୁ ହସ୍ତାନ୍ତର କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ବାଲୁଗାଁ ଅଞ୍ଚଳର ଜଣେ ନାବାଳିକାଙ୍କୁ ଝାନ୍‌ସୀରେ ବିବାହ କରିଥିବା ନୟାଗଡ ନବଘନପୁରର ତାଙ୍କ ମାଉସୀ ଗତ ଡିସେମ୍ବର ୧୬ରେ ଅପହରଣ କରି ନେଇଥିଲେ। ତାଙ୍କୁ ସେଠାରେ ନେଇ ବିବାହ କରାଇଥାନ୍ତେ। ଏନେଇ ଗତ ଜାନୁଆରୀ ୧୮ରେ ଅଭିଯୋଗ ହୋଇଥିଲା। ପୋଲିସ ୩୬୩, ୩୪ ଆଇପିସି ଦଫାରେ ମାଉସୀ ମଉସାଙ୍କ ନାଁରେ ୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲ।

# ବନ ବିଭାଗର ଚଢାଉ: ୧୦ କେଜି ହରିଣ ମାଂସ ଓ ବାଇକ ଜବତ, ଶିକାରୀ ଗିରଫ



ଜବତ ବାଇକ, ମାଂସ ଓ ଗିରଫ ଅଭିଯୁକ୍ତ।

**ଖଣ୍ଡପଡା,୧୯।୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଅଁଳାମଡା ଗ୍ରାମରେ ହରିଣ ମାଂସ ବିକ୍ରୀ କରୁଥିବା ଅଭିଯୋଗରେ ଶିକାରୀ ସୂର୍ଯ୍ୟମଣି ଦାସ (୪୭)ଙ୍କୁ ଖଣ୍ଡପଡା ବନବିଭାଗ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ତାଙ୍କ ଠାରୁ ୧୦କେଜି ହରିଣ ମାଂସ ସହ ଏକ ବାଇକ ଜବତ କରାଯାଇଛି।

ପ୍ରକାଶ ଯେ, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା କୌଣସି ସୂତ୍ରରୁ ଖବର ପାଇ ସଦଳବଳ ଖଣ୍ଡପଡା ବ୍ଲକ ଗୁଣ୍ଡୁଣି ପଞ୍ଚାୟତର ଅଁଳାମଡା ଗ୍ରାମରେ ଚଢାଉ କରି ହରିଣ ମାଂସ ବିକ୍ରୀ କରୁଥିବା ସୂର୍ଯ୍ୟମଣିଙ୍କୁ ଗିରଫ କରିବା ସହ ବିକ୍ରୀ ଉଦ୍ଦେଶ୍ୟରେ ଥିବା ୧୦ କିଲୋ ହରିଣ ମାଂସ ଜବତ କରିଥିଲେ। ଏଥିସହ ସେ ବ୍ୟବହାର କରୁଥିବା ଏକ ନାଲି ରଙ୍ଗର ଟିଭିଏସ ବାଇକକୁ ଜବତ କରିଥିବା ଜଣାଯାଇଛି। ଶରଣକୂଳ ବନାଞ୍ଚଳ ଅଧୀନ ସାକେରୀ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ରାତିରେ ସୂର୍ଯ୍ୟମଣି ଏକ ହରିଣ ଶିକାର କରିବା ପରେ ବୁଧବାର ପୂର୍ବାହ୍ନ ପ୍ରାୟ ୭ଟାରେ ଅଁଳାମଡା ଛକ ନିକଟରେ ମାଂସ ବିକ୍ରୀ କରୁଥିଲେ। ହରିଣ ମାଂସ କେଜିପ୍ରତି ୫ଶହ ଟଙ୍କା ଦରରେ ବିକ୍ରୀ ହେଉଥିବା ନେଇ ଖଣ୍ଡପଡା ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସୂଚନା ଦେଇଥିଲେ। ଏ ନେଇ ୭୬/୨୦୨୦ରେ ଏକ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଥିଲେ । ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଖଣ୍ଡପଡା ସବଜେଲକୁ ପଠାଇ ଦିଆଯାଇଛି । ଜବତ ହରିଣ ମାଂସକୁ ବନ ବିଭାଗ କର୍ମଚାରୀମାନେ ପୋତି ଦେଇଥିବା ବେଳେ ମାଂସ ନମୁନା ପରୀକ୍ଷା ନିମନ୍ତେ ଭୁବନେଶ୍ୱରସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟକୁ ପଠାଇଦିଆଯାଇଛି। ଚଢାଉ ଅଭିଯାନରେ ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର, ସସ୍ମିତା ସେଠୀ ଓ ସନାତନ ସ୍ୱାଇଁ ସାମିଲ ହୋଇଥିଲେ। ଏହି ଘଟଣାର ତଦନ୍ତ ଦାୟିତ୍ୱ ନୟାଗଡ ଏସିଏଫ୍ ଅରବିନ୍ଦ ମହାନ୍ତିଙ୍କୁ ଦିଆଯାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ଖଣ୍ଡପଡା କପ: ୭୩ କ୍ଲବ ଭୁବନେଶ୍ୱର ବିଜୟୀ



ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳିମାନେ।

**ଖଣ୍ଡପଡା, ୧୯।୨(ସ୍ୱ.ପ୍ର.)**

ଖଣ୍ଡପଡା ଫୁଟବଲ ଅସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଖଣ୍ଡପଡା କପ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ ବୁଧବାର ଅନୁଷ୍ଠିତ ଶେଷ ଲିଗ ମ୍ୟାଚରେ ୭୩ କ୍ଲବ ଭୁବନେଶ୍ୱର ୪-୦ ଗୋଲରେ ଖଣ୍ଡପଡା ଫୁଟବଲ ଆସୋସିଏଶନକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ ନାୟକ ଓ ସୁଶାନ୍ତ ମିଶ୍ର ତାଙ୍କୁ ଲାଇନରେ ସହାୟତା କରିଥିଲେ। କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ୪ର୍ଥ ରେଫରୀ ଭାବେ ରହିଥିଲେ। ଅତିଥି ଭାବେ ବିଡିଓ ପ୍ରମୋଦ କୁମାର ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନୀଳମାଧବ ମିଶ୍ର ଯୋଗଦେଇଥିଲେ। ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ ମଙ୍ଗଳା କ୍ଲବ କଟକ ଓ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ପରସ୍ପରକୁ ଭେଟିବ ବୋଲି ଆୟୋଜକ କମିଟି ସଭାପତି ଭିକାରୀ ଖଣ୍ଡାୟତ ଓ ମହେନ୍ଦ୍ର କୁମାର ବାରିକଙ୍କଠାରୁ ପ୍ରକାଶ ।

## ବିଦେଶୀ ମଦ ଜବତ: ବ୍ୟବସାୟୀ ଗିରଫ

**ଭାପୁର,୧୯।୨(ଡି.ଏନ.ଏ.)**

ଚୋରା ବିଦେଶୀ ମଦ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଫତେଗଡ଼ ଥାନା ବିଜିପୁର ଗ୍ରାମର ଲିପୁନା ଜେନା। ଲିପୁନାଙ୍କ ଘରେ ଫତେଗଡ଼ ଥାନା ଏଏସ୍‌ଆଇ ସନ୍ତୋଷ ସାହୁ ଏବଂ ଭାପୁର ଫାଣ୍ଡି ଅଧିକାରୀ ସଚ୍ଚିକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ଚଢ଼ାଉ କରାଯାଇ ୧୯ବୋତଲ ବିଦେଶୀମଦ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ନାମରେ ୨୮/୨୦ରେ ଏକ ମାମଲା ରୁଜୁ କରାଯାଇଥିଲା।

## ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ

**ପୁରୀ ଅଫିସ,୧୯।୨**

ପବିତ୍ର ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ ରହିଛି। ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏଭଳି ଅଭିଯୋଗ କରିଛନ୍ତି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର। ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାରେ ୨୧ ତାରିଖରେ ସ୍ମାର୍ତ୍ତସମ୍ମତ ଓ ୨୨ ତାରିଖରେ ବୈଷ୍ଣବସମ୍ମତ ମହାଶିବରାତ୍ରି ନିର୍ଦ୍ଧାରଣ ଭକ୍ତଙ୍କୁ ବିଭ୍ରାନ୍ତ କରୁଛି। ମହାଶିବରାତ୍ରି ଦିନ ଓଡ଼ିଶାରେ ହରିହର ଭେଟ ନୀତି ଥିବାରୁ ଏହା ଗୋଟିଏ ଦିନରେ ପାଳନୀୟ ବୋଲି ଅନ୍ୟ ସମସ୍ତ ପଞ୍ଜିକାରେ ନିର୍ଣ୍ଣୟ ରହିଛି। ଏ ସମ୍ପର୍କରେ ରାଧାରମଣ ପ୍ରେସ୍‌ର ସୁବ୍ରତ ଗରାବଡୁ କହିଛନ୍ତି, ପଞ୍ଜିକାର ପାଣ୍ଡୁଲିପି ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଆଲୋଚନା ପରେ ମହାଶିବରାତ୍ରି ତିଥି ପାଳନ ସମ୍ବନ୍ଧରେ ନିର୍ଣ୍ଣୟ କରାଯାଇଛି। ଏ ସଂକ୍ରାନ୍ତରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସଭାପତି ଆଦିତ୍ୟ ହୃଦୟ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ପଣ୍ଡିତମାନେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ମହାଶିବରାତ୍ରି ତିଥି ନିର୍ଣ୍ଣୟ କରାଯାଇଛି। ତେଣୁ ଏହା ସମ୍ପୂର୍ଣ୍ଣ ଠିକ୍ ଅଛି।

## ଆରଟିଓ ଅଫିସରୁ ଦଲାଲ ଗିରଫ

**ନୟାଗଡ ଅଫିସ,୧୯।୨**

ନୟାଗଡ ଟାଉନ ଥାନା ପୋଲିସ ନୟାଗଡ ଆରଟିଓ ଅଫିସରୁ ଜଣେ ଦଲାଲଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ପୁରୁଣାସାହିର ପୁରୁଷୋତ୍ତମ ବିଶ୍ୱାଳ ଓରଫ ସନ୍ତୋଷ(୪୧)। ପୁରୁଷୋତ୍ତମଙ୍କ ଠାରୁ ୫ ହଜାର ଟଙ୍କା ଜବତ ହୋଇଛି । ଟାଉନ ଥାନା ପୋଲିସ ୪୨୦ ଦଫାରେ ନଂ.୩୪/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା । ଡ୍ରାଇଭିଂ ଲାଇସେନ୍ସ ପାଇଁ ଲାଞ୍ଚ ନେଇ କାମ କରୁଥିବାର ଅଭିଯୋଗ ହୋଇଥିଲା।

## ଆଇନ ସଚେତନତା ଶିବିର

**ନୟାଗଡ ଅଫିସ,୧୯।୨**

ସାଇବର କ୍ରାଇମକୁ ରୋକିବା ଉଦ୍ଦେଶ୍ୟରେ ନୟାଗଡ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଛି । ଇନସ୍ୱାୟାର ରେସିଡେନ୍‌ସିଆଲ କଲେଜରେ ଅନୁଷ୍ଠିତ ଏହି ଶିବିରକୁ ସିଜେଏମ ମାନସ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । ସଚିବ ରଞ୍ଜୁଲତା ଲେଙ୍କା କପରି ଅପରାଧକୁ ରୋକାଯାଇପାରିବ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା କୋର୍ଟର ବିଚାରପତି ପ୍ରଜ୍ୟୋତି ରାଉତ, ଦେୱାନ ବିଚାରପତି ମୁସାରତ ଜାହିନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରତିମା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଖଣ୍ଡପଡ଼ାରେ ଚକ୍ଷୁ ଚିକିତ୍ସା ଶିବିର



ଶିବିରରେ ଚିକିତ୍ସା କରାଯାଉଛି।

**ଖଣ୍ଡପଡ଼ା, ୧୯।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ଲୟାଲ ଶିକ୍ଷାନୁଷ୍ଠାନ ପରିସରରେ ଜେପିଏମ୍ ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସାଳୟ କଟକ ଓ ଖଣ୍ଡପଡା ଦୁର୍ନୀତି ନିବାରଣ ସଂଘର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ସହର ସମେତ ଆଖପାଖ ଅଞ୍ଚଳରୁ ୯୦ ଜଣ ଚକ୍ଷୁରୋଗୀ ଶିବିରରେ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। କଟକ ବିଡାନାସୀସ୍ଥିତ ଚକ୍ଷୁ ଚିକିତ୍ସାଳୟରେ ସେମାନଙ୍କର ଚିକିତ୍ସା କରାଯିବା ସହ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ଜଣାଯାଇଛି। ଶିବିରରେ ଚକ୍ଷୁରୋଗ ବିଶେଷଜ୍ଞ ଡ. ଆଲୋକ କୁମାର ବେହେରା, ସୁଚିତ୍ରା ଖୁଣ୍ଟିଆ, ଶକ୍ତିମୟୀ ଦାଶ, ଅନିରୁଦ୍ଧ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଖଣ୍ଡପଡ଼ା ଦୁର୍ନୀତି ନିବାରଣ ସଂଘର ସଭାପତି ପର୍ଶୁରାମ ପାଢ଼ୀ, ସମ୍ପାଦକ ତ୍ରିବିକ୍ରମ ସିଂହସାମନ୍ତଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାଟ୍ରିକ୍ ପରୀକ୍ଷା ଦେଲେ ୧୩ ହଜାର ୧୨ ଛାତ୍ରୀଛାତ୍ର

**ନୟାଗଡ ଅଫିସ,୧୯।୨**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି । ଏହା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲୁ ରହିବ । ନୟାଗଡ ଜିଲାରେ ୨୩୫ ସ୍କୁଲର ୧୨ ହଜାର ୯୬୮ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୬୩ ଛାତ୍ରୀଛାତ୍ର ଏପରି ମୋଟରେ ୧୩ ହଜାର ୨୩୧ ଛାତ୍ରୀଛାତ୍ରଙ୍କ ପାଇଁ ୭୫ ପରୀକ୍ଷା କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯୪ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୫ ଛାତ୍ରୀଛାତ୍ର ଏପରି ୨୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଅଛନ୍ତି। ଅନ୍ୟପକ୍ଷେ ନବଘନପୁର ହାଇସ୍କୁଲର ୫ଜଣ ଛାତ୍ରୀଛାତ୍ର ବୋର୍ଡ ସ୍କ୍ୱାଡ୍ ଦ୍ୱାରା କପି କରିବା ସମୟରେ ଧରା ପଡିଛନ୍ତି। ପ୍ରଥମ ଦିବସରେ ମାତୃଭାଷା ସାହିତ୍ୟ ଥିଲା । ଅତି ସରଳ ପ୍ରଶ୍ନ ପଡିଥିଲା ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି।

## ପ୍ରଥମ ଦିବସର ମାଟ୍ରିକ ପରୀକ୍ଷା ଅନୁଭୂତି



ବ୍ରଜେନ୍ଦ୍ର ହାଇସ୍କୁଲରୁ ପରୀକ୍ଷା ଦେଇ ପିଲାମାନେ ଫେରୁଛନ୍ତି।

### ପରୀକ୍ଷାରେ ଭଲ ହୋଇଛି

ପ୍ରଥମ ପରୀକ୍ଷା ଥିବାରୁ ଭୟ ଲାଗୁଥିଲେ ମଧ୍ୟ ପରୀକ୍ଷା ହଲ ଭିତରେ ଭୟ ଦୂର ହୋଇ ଯାଇଥିଲା । ସମୟ ପୂର୍ବରୁ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିଛି ।ଅଶା ରହିଛି ୭୫ରୁ ୮୦ ମଧ୍ୟରେ ନମ୍ବର ରହିବ।



**ପାଏଲ ବେହେରା,** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନୟାଗଡ

### ଭଲ ପ୍ରଶ୍ନ ପଡ଼ିଥିଲା

ପ୍ରଥମ ପରୀକ୍ଷା ଥିବାରୁ ମନରେ ଭୟ ଥିଲା । ପ୍ରଶ୍ନ କେମିତି ଆସିବ । କଣ ଉତ୍ତର ଦେବି। ତେବେ ସବୁ କିଛି ଠିକଠାକ ଥିଲା। ଭଲ ପ୍ରଶ୍ନ ପଡିଥିଲା। ୮୦ ପ୍ରତିଶତ ନମ୍ବର ରହିବ।



**ରଞ୍ଜିତା ସାହୁ,** ଦେଢ଼ସର ହାଇସ୍କୁଲ, ଦଶପଲ୍ଲା

### ସହଜ ପ୍ରଶ୍ନ ପଡିବା ଆଶା

ପରୀକ୍ଷା ପୂର୍ବରୁ ମୁଁ ପ୍ରସ୍ତୁତ ଥିଲି। ଆଶା ମୁତାବକ ପ୍ରଶ୍ନ ଆସିଛି। ପୁଣି ସହଜ ପ୍ରଶ୍ନ ପଡିଥିଲା । ପରୀକ୍ଷାରେ ୭୦ ପ୍ରତିଶତ ନମ୍ବର ରହିବ। ଆଜି ଯେପରି ଭଲ ପ୍ରଶ୍ନ ପଡିଛି ଆଗକୁ ସେପରି ପଡୁ ବୋଲି ଆଶା କରୁଛୁ।



**ବିମଳେନ୍ଦୁ ମହାକୁଡ଼,** ଭୋଗବାଡି ପରଶୁ ଚିନ୍ତାମଣି ହାଇସ୍କୁଲ, ଦଶପଲ୍ଲା

### ପାଠପଢ଼ାରେ ଅବହେଳା ନ ଥିଲା

ପାଠପଢ଼ାରେ ଅବହେଳା ନ ଥିଲା। ହେଲେ ପରୀକ୍ଷା ନେଇ ଟେନଶନ ଥିଲା। ମୋର ପ୍ରସ୍ତୁତି ଅନୁସାରେ ପ୍ରଶ୍ନ ପଡିବ ନାଁ ଏପଟସେପଟ ହୋଇ ଆସିବ, ଭୟ ଲାଗୁଥିଲା। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନ ପାଇବା ପରେ ଆଉ କୌଣସି ସମସ୍ୟା ନ ଥିଲା। ମନ ମୁତାବକ ପ୍ରଶ୍ନ ଆସିଥିବାରୁ ସମୟ ବଳିଲା।



**ଶକୁନ୍ତଳା ମୁଦୁଲି,** ଆନନ୍ଦ ଗୁରୁ ଗାଲର୍ସ ହାଇସ୍କୁଲ ଖଡିଆ, ରଣପୁର

### ପରୀକ୍ଷା ବାତିଲକୁ ଭୟ

ପ୍ରଥମ ଦିବସରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ଅଭିଯୋଗ ହୋଇଛି। ତେବେ ଆମ ଅଞ୍ଚଳରେ ହୋଇ ନାହିଁ। ପ୍ରଶ୍ନପତ୍ର ଲିକ୍ କରିଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କିନ୍ତୁ ପରୀକ୍ଷା ବାତିଲ କରାନଯାଉ। ପ୍ରଥମ ଦିବସରେ ଭଲପ୍ରଶ୍ନଆସିଥିବାରୁମନହାଲକାଲାଗୁଛି।



**ଆଲୋକ ରଞ୍ଜନ ସାହୁ,** ବାଲୁଙ୍କେଶ୍ୱର ବିଦ୍ୟାପୀଠ, ଭାପୁର

### କ୍ଲାସ ପରୀକ୍ଷା ପରି ଲାଗିଲା

ପ୍ରତିଦ୍ୱନ୍ଦିତା ମନୋଭାବ ନେଇ ପରୀକ୍ଷା ଦେଇଛି । ବୋର୍ଡ ପରୀକ୍ଷା ହୋଇଥିଲେ ହେଁ ମୋତେ କ୍ଲାସ ପରୀକ୍ଷା ପରି ଲାଗିଲା। ସମୟ ପାଇବ ନାହିଁ ବୋଲି ଭାବିଥିଲି। ହେଲେ ଉତ୍ତର ଲେଖିବା ପରେ ସମୟ ବଳିଲା। ପରୀକ୍ଷାରେ ଭଲ ହୋଇଛି।



**ପ୍ରୀୟଂଶୁ ନାୟକ,** ନୂଆଗାଁ ହାଇସ୍କୁଲ